## ସଂକ୍ଷେପରେ

### ମୌଳିକ ସାକ୍ଷରତା, ସଂଖ୍ୟା ଜ୍ଞାନଭିତ୍ତିକ କର୍ମଶାଳା

ଯାଜପୁର ଅଫିସ,୭।୬: ଭାରତ ସରକାରଙ୍କ ଜି-୨୦ ଶିଖର ସମ୍ମିଳନୀ ଅନ୍ତର୍ଗତ ଜନଭାଗିଦାରୀ କାର୍ଯ୍ୟକ୍ରମରେ ପ୍ରାଥମିକ ସ୍ତରରେ ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ଭିତ୍ତିକ ଏକ କର୍ମଶାଳା ଯାଜପୁର ଜିଲା ପାଇଁ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁର ଜିଲାର ବ୍ୟାସନଗର କେନ୍ଦ୍ରୀୟ ବିଦ୍ୟାଳୟକୁ ନୋଡାଲ ସ୍କୁଲ ଭାବେ ବିବେଚନା କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ସିଦ୍ଧାର୍ଥ ଚନ୍ଦ୍ର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୧୩ଟି ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀଶିକ୍ଷକଙ୍କ ସମେତ ଶିକ୍ଷକମାନେ ଯୋଗଦେଇଥିଲେ। ଏହବାଦ ଜିଲାର ମଣ୍ଡଳ ଶିକ୍ଷାଧିକାରୀ, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଏବଂ ବ୍ଲକ ଶିକ୍ଷାଧିକାରୀମାନେ ଅଂଶଗ୍ରହଣ କରିଥିଲେ। ବିଷାରଦ ଭାବେ କୋଲକାତାର ଗାର୍ଡେନ ବିଚର ପ୍ରଧାନଶିକ୍ଷୟିତ୍ରୀ ଯୋଗାଦାନ କରିଥିଲେ।

### ୫ ବାଲି ବୋଝେଇ ଟ୍ରାକ୍ଟର ଜବତ

ବେତନଟୀ/ ମୋରଡ଼ା,୭।୬ (ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ବେତନଟୀ ଥାନା ପୋଲିସ ଓ ମୋରଡ଼ା ତହସିଲଦାର ୫ ବାଲି ବୋଝେଇ ଟ୍ରାକ୍ଟର ଜବତ କରିଛନ୍ତି। ବେତନଟୀ ଥାନା ଅଧୀନ ହାତୀକୋଟ ଅଞ୍ଚଳରେ ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ଚୋରା ବାଲି ବୋଝେଇ ଏକ ଟ୍ରାକ୍ଟର ଜବତ କରିଥିଲା। ପରେ ବୁଢ଼ିଖମାରୀ ରାଜସ୍ୱ ନିରୀକ୍ଷକ ଉକ୍ତ ଟ୍ରାକ୍ଟର ମାଲିକଙ୍କଠାରୁ ୨୦ହଜାର ଟଙ୍କା ଜରିମାନା ଆଦାୟ କରିଥିବା ସୂଚନା ମିଳିଛି।ସେହିପରି ମୋରଡ଼ା ତହସିଲ ଅଧୀନ ପାଟପୁର ଘାଟରୁ ବାଲି ଚୋରାଚାଲାଣ ବେଳେ ତହସିଲଦାର ଅନନ୍ତ ହାଁସଦା ଚଢ଼ାଉ କରି ଏକ ଟ୍ରାକ୍ଟର ଜବତ କରିଥିଲେ। ସକାଳେ ମଧ ଅନ୍ୟ ଏକ ଟ୍ରାକ୍ଟର ଜବତ ହୋଇଥିଲା। ସେହିପରି ଘୋଳମୁଁହା ଘାଟରୁ ଦୁଇଟି ଚୋରା ବାଲି ଟ୍ରାକ୍ଟର ଜବତ ହୋଇଥିଲା। ଜବତ ଟ୍ରାକ୍ଟରଗୁଡ଼ିକଠାରୁ ମୋଟ ୧ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଥିବା ତହସିଲଦାର ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ମୋରଡ଼ା ତହସିଲ ଅଧୀନ ପାଟପୁର, ରେକଣା, ଗୁହାଳଡିହା, ଧଡାସାହି, ଖୁରୁଣ୍ଟିଆ, ବରକନ୍ଦ ଆଦି ଘାଟରୁ ପ୍ରତ୍ୟେକ ଦିନ ବିଳମ୍ବିତ ରାତିରେ ବାଲି ଚୋରି ହେଉଥିବା ଅଭିଯୋଗ ହୋଇ ଆସୁଛି।

### ଜଳିଗଲା ୨ ବଖରା

ସୋର, ୭।୬(ଡି.ଏନ୍.ଏ.): ବୁଧବାର ପୂର୍ବାହ୍ନରେ ସୋର ମାଣିପୁର ପଞ୍ଚାୟତ ମୂଳିଆବନ୍ଧ ଗ୍ରାମରରେ ଏକ ଘରେ ନିଆଁ ଲାଗି ୨ ବଖରା ସମ୍ପୂର୍ଣ୍ଣ ଜଳିଯାଇଛି। ଏହି ଗ୍ରାମର ଗୋଲୋକ ଜେନାଙ୍କ ଘରେ ଆକସ୍ମିକ ଭାବେ ନିଆଁ ଲାଗିଯାଇ ତାଙ୍କର ୨ ବଖରା ସମ୍ପୂର୍ଣ୍ଣ ଜଳିଯାଇଥିଲା। ଏଥିରେ ଥିବା ଧାନ, ଚାଉଳ ଏବଂ ସମସ୍ତ ଆସବାବପତ୍ର ପୋଡ଼ି ଛାରଖାର ହୋଇଯାଇଥିଲା। ସୋରରୁ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସୋର ବିଧାୟକ ପର୍ଶୁରାମ ଧଡ଼ା ପହଞ୍ଚି ଅଗ୍ନି ବିପନ୍ନ ପରିବାରକୁ ସହାୟତା ପ୍ରଦାନ କରିଥିଲେ।

# ଆଖୁଆନାଳ ଉନ୍ନତୀକରଣ ପାଇଁ ୨.୩୮ କୋଟି ମଞ୍ଜୁର



ଆଖୁଆନାଳ ଉନ୍ନତୀକରଣ କାର୍ଯ୍ୟର ଶିଳାନ୍ୟାସ କରାଯାଉଛି।

ରସୁଲପୁର,୭।୬(ଡି.ଏନ.ଏ.): ରସୁଲପୁର ବ୍ଲକ ଅନ୍ତର୍ଗତ ବନ୍ଧଡ଼ିହ ପଞ୍ଚାୟତର ଜୟସୁଙ୍ଗୁଡାଠାରେ ଆଖୁଆନାଳ ଉପରେ ଡ୍ରେନେଜ ବିଭାଗ ପକ୍ଷରୁ ୨.୩୮କୋଟି ଟଙ୍କାର ପ୍ରକଳ୍ପ ଶିଳାନ୍ୟାସ କରାଯାଇଛି। ଉକ୍ତ ଅର୍ଥରେ ନାଳର ୧୪ କି.ମି. ଲମ୍ବ ଅଂଶରୁ ୬ କି.ମି. ଉନ୍ନତୀକରଣ କରାଯିବା ସହ ଅଞ୍ଚଳରେ ୪ ଛୋଟ ପୋଲ ନିର୍ମାଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ନାଳର ଉନ୍ନତୀକରଣ ହେଲେ ବ୍ଲକ ଅଧୀନ ବ୍ରହ୍ମବରଦା, ବନ୍ଧଡ଼ିହ, ବରୀ ବ୍ଲକର ଗୋଳକୁଣ୍ଡ, ବଡ଼ଚଣା ବ୍ଲକର ବଡ଼ବାଲିକୁଦା ଭଳି ୪ ପଞ୍ଚାୟତର ୫ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଉପକୃତ ହେବେ। ଚାଷୀଙ୍କ ଜଳସେଚନ ସୁବିଧା ସାଙ୍ଗକୁ କ୍ଷେତ ଉତ୍ପାଦିତ ଦ୍ରବ୍ୟକୁ ପରିବହନ ଓ ଗମନାଗମନର ସୁବିଧା ସୃଷ୍ଟି ହୋଇପାରିବ। ଏ ଦିଗରେ ବରୀ ବିଧାୟିକା ସୁନନ୍ଦା ଦାସଙ୍କ ପକ୍ଷରୁ ବିଭାଗ ନିକଟରେ ପ୍ରସ୍ତାବ ରଖାଯାଇଥିଲା। ଉକ୍ତ ପ୍ରସ୍ତାବ ଆଧାରରେ ବିଭାଗ ପକ୍ଷରୁ ପ୍ରାରମ୍ଭିକ ପର୍ଯ୍ୟାୟରେ ପଦକ୍ଷେପ ନିଆଯାଇ ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ ହେବ ବୋଲି ସୂଚନା ମିଳିଛି।

ଉକ୍ତ ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦାର ନାଳକୂଳଠାରୁ ବ୍ରାହ୍ମଣୀ ନଦୀରୁ ବାହାରି ବରୀ ବ୍ଲକର ବିରୂପା ନଦୀକୁ ସଂଯୋଗ କରୁଥିବା ନାଳକୁ ଆଖୁଆନାଳ ନାମରେ ନାମିତ କରାଯାଇଛି। ନାଳର ଉଭୟ ପାର୍ଶ୍ୱରେ ହାଜରହାଜର ଏକର ଚାଷ ଜମି ରହିଛି। ଉକ୍ତ ନାଳ ପୋତିହୋଇ ପଡ଼ିବା ସହ ନାଳରେ ବିଲାତି ଦଳ ଓ ଅନାବନା ଗଛ, ଗୁଳ୍ମ ଆଦିରେ ଭର୍ତ୍ତି ଯୋଗୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିଲା। ଜଳ ସେଚନର ସୁବିଧାରେ ବାଧା ଉପୁଜୁଥିଲା। ନାଳ ପୁନରୁଦ୍ଧାର ପାଇଁ ବିଭିନ୍ନ ସମୟରେ ଚାଷୀ, ସ୍ଥାନୀୟ ଜନସାଧାରଣ ଓ ଜନପ୍ରତିନିଧିଙ୍କଠାରୁ ଦାବି ହୋଇ ଆସୁଥିଲା। ଉକ୍ତ ଦାବି ଅନୁସାରେ ବିଧାୟିକା ଦାସ ନାଳର ସ୍ଥିତି ପରଖିବା ସହ ଉନ୍ନତୀକରଣ ଦିଗରେ ପଦକ୍ଷେପ ନେଇଥିଲେ। ଏହାର ପୁନରୁଦ୍ଧାର ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି

### ଉପକୃତ ହେବେ ୪ ପଞ୍ଚାୟତର ୫ ହଜାରରୁ ଉର୍ଦ୍ଧ୍ୱ ଚାଷୀ

ପାଣ୍ଠିର ବ୍ୟୟବରାଦ କରାଯାଇଥିଲା। ପୋତି ହୋଇଥିବା ନାଳକୁ ଖନନ କରାଗଲେ ଜଳ ନିଷ୍କାସନ ସୁଗମ ହୋଇପାରିବ। ଭୂତଳ ଜଳସ୍ତରରେ ବୃଦ୍ଧି ଘଟିବ ଓ କ୍ଷେତକୁ ଜଳସେଚନ ସୁବିଧା ସୃଷ୍ଟି ହୋଇପାରିବ। ଏହାଛଡ଼ା ବ୍ରହ୍ମବରଦା ଓ ବନ୍ଧଡ଼ିହ, ଗୋଳକୁଣ୍ଡ–ବନ୍ଧଡ଼ିହ, ଗୋଳକୁଣ୍ଡ–ବଡ଼ବାଲିକୁଦା ଓ ବନ୍ଧଡ଼ିହକୁ ସଂଯୋଗ ପାଇଁ ୪ ପୋଲ ନିର୍ମାଣ କରାଯିବ। ପୋଲ ନିର୍ମାଣ ହେଲେ ୪ଟି ପଞ୍ଚାୟତର ଜନସାଧାରଣଙ୍କ ଜୀବନ ଜୀବିକା ନିର୍ବାହରେ ସହଜ ଓ ସରଳ ହୋଇପାରିବ ବୋଲି ବିଧାୟିକା ସୂଚନା ଦେଇଛନ୍ତି। ଶିଳାନ୍ୟାସ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟିକା ଦାସ, ଅନ୍ୟମାନଙ୍କ ମଧ୍ୟରେ ଡ୍ରେନେଜ ବିଭାଗ ସହକାରୀ ଯନ୍ତ୍ରୀ ଶମ୍ଭୁନାଥ ମଲିକ, ବନ୍ଧଡ଼ିହ ସରପଞ୍ଚ ବିକ୍ରମ ବେହେରା, ଯୁବନେତା ରାକେଶ କୁମାର ଦେଓ, ସହଦେବ ବେହେରା ଓ ବିକ୍ରମ ନାୟକ ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ସଂଗଠକ ଦେବେନ୍ଦ୍ର ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ମଧୁବାବୁ ମେଧା ପ୍ରତିଭା ସମ୍ମାନ



ପ୍ରତିଭା ସମ୍ମାନ ଉତ୍ସବରେ ଯୋଗଦେଇଥିବା ଅତିଥି।

ଯାଜପୁର ଟାଉନ,୭।୬(ଡି.ଏନ.ଏ.): ଯାଜପୁର ସହରସ୍ଥିତ ଗୌତମବୁଦ୍ଧ ସଂସ୍କୃତି ଭବନ ପରିସରରେ ବୁଧବାର ମଧୁବାବୁ ମେଧା ପ୍ରତିଭା ସମ୍ମାନ –୨୦୨୩ ମଧୁ ଓଡ଼ିଆ ସେନା ଓ ପୂଜାପୂଜା ପ୍ରତିଭା ପରିଷଦ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ଭାବେ କୋରେଇର ପୂର୍ବତନ ବିଧାୟକ ଡ. ରାମଚନ୍ଦ୍ର ଖୁଣ୍ଟିଆ ଯୋଗଦେଇଥିଲେ। ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଖଣି ଓ ଶିଳ୍ପ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. କୁମରବର ଦାସ, ବରେଣ୍ୟ ବକ୍ତାଭାବେ ବିଶିଷ୍ଟ ଶିକ୍ଷାବିତ୍ ତଥା ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି, ସାମାଜିକ କର୍ମୀ ମନୋଜ କୁମାର ରାଉତ, ଅନ୍ୟ ବରେଣ୍ୟ ଅତିଥିଭାବେ ଅନନ୍ୟ ସାହିତ୍ୟ ସଂସଦର ସଭାପତି ସନ୍ତୋଷ କୁମାର ନନ୍ଦ ଓ ମଧୁ ଓଡ଼ିଆ ସେନାର ସଭାପତି ପଦ୍ମାକର ଗୁରୁ ପ୍ରମୁଖ ଯୋଗଦେଇଥିଲେ।

ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ୨୦୨୨–୨୩ ଶିକ୍ଷା ବର୍ଷରେ ପ୍ରକାଶିତ ମାଟ୍ରିକ ଏବଂ ଯୁକ୍ତ ୨ ବିଜ୍ଞାନ, ବାଣିଜ୍ୟ ପରୀକ୍ଷାରେ ଯାଜପୁର ଜିଲାରେ ୯୦ ପ୍ରତିଶତ ଓ ତଦୁର୍ଦ୍ଧ ନମ୍ବର ରଖିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟଅତିଥି ପଟ୍ଟନାୟକ ତାଙ୍କ ଅଭିଭାଷଣରେ ପିଲାମାନେ ଏକାଗ୍ରତାର ସହ ଅଧ୍ୟୟନ ଜାରି ରଖିବା ପାଇଁ କୃତୀ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଜିଲାର ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ଏନ୍‌ସି କଲେଜର ସର୍ବାଧିକ ୫୪୬ ନମ୍ବର ରଖିଥିବା ଅଲିଭା ସାହୁ ଏବଂ ଯାଜପୁରରୋଡ ଆବାସିକ ମହାବିଦ୍ୟାଳୟର ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ସର୍ବୋଚ୍ଚ ୫୫୩ ନମ୍ବର ରଖିଥିବା ଦେବଦତ ଦାସଙ୍କୁ ମୁଖ୍ୟ ଅତିଥି ମାନପତ୍ର, ପୁସ୍ତକ ଏବଂ ଉପଢୌକନ ପ୍ରଦାନ କରିଥିଲେ। ସଭାରେ ବରେଣ୍ୟ ବକ୍ତା ମହାନ୍ତି ଶିକ୍ଷା କିଭଳି ଭାବେ ବ୍ୟକ୍ତିଙ୍କ ନିରହଙ୍କାରୀ କରେ ତାହା ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ଉଦ୍‌ଘାଟକ ଖୁଣ୍ଟିଆ ଯାଜପୁରର ବହୁ ପ୍ରତିଭାବାନ ଛାତ୍ରୀଛାତ୍ର ଓଡ଼ିଶା ତଥା ଓଡ଼ିଶା ବାହାରେ କିଭଳି ଯଶସ୍ୱୀ ହୋଇଛନ୍ତି ତାହା ବକ୍ତବ୍ୟରେ କହିଥିଲେ।

# ବୌଦ୍ଧପୀଠକୁ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବ



ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ଅନ୍ୟମାନେ।

ଚଣ୍ଡିଖୋଲ,୭।୬(ଡି.ଏନ.ଏ.): ବିଶ୍ୱପ୍ରସିଦ୍ଧ ବୌଦ୍ଧ ପୀଠ ଉଦୟଗିରି ଓ ରତ୍ନଗିରିକୁ ଦେଶ ବିଦେଶର ପର୍ଯ୍ୟଟକ ଆସୁଛନ୍ତି। ତେଣୁ ଆମ ରାସ୍ତାର ଉନ୍ନତୀକରଣ ହେଲେ ଏଠାକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆକର୍ଷିତ ହୋଇ ଆସିବେ ବୋଲି ବୁଧବାର ଉକ୍ତ ରାସ୍ତା ଉନ୍ନତିକରଣ କାର୍ଯ୍ୟର ଶିଳାନ୍ୟାସ କରି ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଏକଥା କହିଛନ୍ତି। ପୂର୍ତ୍ତ ବିଭାଗ ଅଧୀନରେ ଥିବା ଏହି ରାସ୍ତା ଉପରେ ବଡ଼ଚଣା ଓ ବରୀ ନିର୍ବାଚନମଣ୍ଡଳୀର ଲୋକେ ନିର୍ଭର କରିଥାନ୍ତି। ଏଥିସହିତ ପ୍ରାଚୀନ

### କୃଷ୍ଣଦାସପୁର-ରତ୍ନଗିରି ରାସ୍ତା ପ୍ରଶସ୍ତୀକରଣର ଶିଳାନ୍ୟାସ

ବୌଦ୍ଧ କୀର୍ତ୍ତିରାଜି ପୂର୍ଣ୍ଣ ଏହି ପୀଠକୁ ଏହା ସଂଯୋଗ କରୁଛି ବୋଲି ବିଧାୟକ କହିଛନ୍ତି। ପୂର୍ତ୍ତବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସ୍ନିଗ୍ଧା ଦାସ ଯୋଗଦେଇ ୧୭ କି.ମି. ୩୬୩ ମିଟର ଲମ୍ବ ଏହି ରାସ୍ତା ୭ ମିଟର ଚଉଡା ହେବ। ଏହି ରାସ୍ତା ପ୍ରଶସ୍ତୀକରଣ ପାଇଁ ୨୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ନୂତନ ଭାବେ ରାସ୍ତା ପାର୍ଶ୍ୱରେ ରିଟର୍ଣ୍ଣି ୱାଲ ଓ ବକ୍ସ କଲ ଭର୍ଟ ନିର୍ମାଣ କରାଯିବ। ଏହାକୁ ୧୮ ମାସ ମଧ୍ୟରେ ଶେଷ କରାଯିବ ବୋଲି ବିଧାୟକ ପ୍ରକାଶ କରିଛନ୍ତି।

ଉଦୟଗିରିଠାରେ ଅନୁଷ୍ଠିତ ଏହି ଶିଳାନ୍ୟାସ ଉତ୍ସବରେ ପୂର୍ବତନ ଜିଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନା ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତୀନ୍ଦ୍ର କୁମାର ନାୟକ, ସହକାରୀ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ବେହେରା, ପୂର୍ବତନ ଜିଲା ପରିଷଦ ସଭ୍ୟ ସାରଦା ପ୍ରସନ୍ନ ମହାନ୍ତି, ନିରଞ୍ଜନ ସେନାପତି, ମିହିର କୁମାର ସ୍ୱାଇଁ, ସରପଞ୍ଚ କିଶୋର ବେହୁରା, ତାପସ ରାୟ, ମଞ୍ଜୁଶ୍ରୀ ଦେଓ, ପ୍ରମିଳା ଜେନା, ନିରଞ୍ଜନ ସିଂହ ଓ ଗଗନ ବିହାରୀ ସ୍ୱାଇଁ ପ୍ରମୁଖ ବହୁ ବ୍ୟକ୍ତି ଯୋଗ ଦେଇଥିଲେ।

## କଦମପାଳ ରଜ ମହୋତ୍ସବ ପାଇଁ ପ୍ରସ୍ତୁତି

କାଏମା,୭।୬(ଡି.ଏନ.ଏ.): ଧର୍ମଶାଳା ବ୍ଲକ ଅନ୍ତର୍ଗତ କଦମପାଳ ଗ୍ରାମର କଦମପାଳ ହାଇସ୍କୁଲ ପଡ଼ିଆଠାରେ ମା' ମଙ୍ଗଳା ଷ୍ଟାର୍ କ୍ଲବ ତରଫରୁ ୮ମ ବାର୍ଷିକ ରଜ ମହୋତ୍ସବ–୨୦୨୩ ପାଳନ କରାଯିବ। ଏନେଇ ମହୋତ୍ସବର ସଭାପତି ଓ ପରିଚାଳନା କମିଟି ଅଧ୍ୟକ୍ଷ ଇଂ.ସୂର୍ଯ୍ୟକାନ୍ତ ଜେନା ଏବଂ କ୍ଲବର ସମସ୍ତ ସଦସ୍ୟଙ୍କ ଦ୍ୱାରା ମହୋତ୍ସବ ପଡ଼ିଆରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମହୋତ୍ସବ ୩ଦିନ ଧରି ପାଳନ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଏଥିସହିତ ବିଭିନ୍ନ ପ୍ରକାରର ଦୋଳି ସାଙ୍ଗକୁ ପାନ ଖିଆ ଓ ପୋଡ଼ ପିଠା, ମୀନାବଜାର ଆୟୋଜନ କରାଯିବ। ଝିଅମାନଙ୍କ ଦ୍ୱାରା ପୁଚିଖେଳ, ମ୍ୟୁଜିକ ଚେୟାର, ଝୋଟି, ଲୁଡୁ, ମେହେନ୍ଦି ଓ ବିଭିନ୍ନ ପ୍ରତିଯୋଗିତା ଏବଂ ପୁଅଙ୍କ ଦ୍ୱାରା ତାସ, ବାଗୁଡ଼ି ଆଦି ଖେଳ ଅନୁଷ୍ଠିତ ହେବ। ସ୍କୁଲ୍ ଏବଂ କଲେଜ ଛାତ୍ରୀଛାତ୍ରଙ୍କ ଦ୍ୱାରା କୁଇଜ, ବକ୍ତୃତା, ସଂଗୀତ, ଡ୍ୟାନ୍ସ ଆଦି ଅନୁଷ୍ଠିତ ହେବ। ବିଭିନ୍ନ ପ୍ରକାରର ସାଜସଜ୍ଜାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ବୈଠକରେ କ୍ଲବ୍ ସମ୍ପାଦକ ରଞ୍ଜନ ଦାସ, ସଂଯୋଜକ ଉଦୟ ସାହୁ, ସହସମ୍ପାଦକ ନିରଞ୍ଜନ ପ୍ରଧାନ, ଚନ୍ଦ୍ରକାନ୍ତ ଜେନା, ତପନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରିୟେଶ ପଣ୍ଡାଙ୍କୁ ଶ୍ରୀକ୍ଷେତ୍ର ସମ୍ମାନ



ସିଂହପୁର,୭।୬(ଡି.ଏନ.ଏ.): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବାଙ୍ଗରା ପଞ୍ଚାୟତ ଛଦାମୁଣ୍ଡ ଗ୍ରାମର ପ୍ରକାଶ ଚନ୍ଦ୍ର ପଣ୍ଡାଙ୍କ ପୁତ୍ର ପ୍ରିୟେଶ ପଣ୍ଡା ସଂଗୀତ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଡ଼ିଶା ସଂସ୍କୃତି କଳା ଏକାଡେମୀ ପକ୍ଷରୁ ଶ୍ରୀକ୍ଷେତ୍ର ସମ୍ମାନରେ ସମ୍ମାନିତ ହୋଇଛନ୍ତି। ପୁରୀ ଜିଲା ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ମହୋତ୍ସବରେ ଶିଶୁ କଣ୍ଠଶିଳ୍ପୀ ପ୍ରିୟେଶଙ୍କୁ ମାନପତ୍ର, ଉତ୍ତରୀୟ ଓ ଟ୍ରଫି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ଉତ୍ସବରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ, ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ ପାଟଶାଣୀ, ଚଳଚ୍ଚିତ୍ର ନିର୍ଦ୍ଦେଶକ ଶ୍ରୀକାନ୍ତ ଗୌତମ ଓ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସଂଗୀତଜ୍ଞ ଦିନେଶ ମଲିକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଜେଜେମା ବାସନ୍ତି ପଣ୍ଡାଙ୍କ ପ୍ରେରଣାରେ ସଂଗୀତ କ୍ଷେତ୍ରରେ ପ୍ରିୟେଶ ସଫଳତା ହାସଲ କରିଛନ୍ତି। ସେ ମଙ୍ଗଳପୁରସ୍ଥିତ ସେଣ୍ଟ ଜାଭିୟର ଉଚ୍ଚ ବିଦ୍ୟାଳୟରେ ତୃତୀୟ ଶ୍ରେଣୀରେ ପଢୁଛନ୍ତି। ସମ୍ବର୍ଦ୍ଧିତ ପରେ ସ୍କୁଲ୍ ଅଧ୍ୟକ୍ଷ ଗୁରୁଚରଣ ବେହେରା ଓ ଖବରଦାତା ହିମାଂଶୁ ପାଢ଼ୀଙ୍କ ସମେତ ବହୁବ୍ୟକ୍ତି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଲୋପ ପାଇବ କୁଣ୍ଡପାଟଣାର ପିତଳ କାରିଗରି


କାରିଗରମାନେ ପିତ୍ତଳରେ ବିଭିନ୍ନ ସାମଗ୍ରୀ ତିଆରି କରୁଛନ୍ତି।

ଧର୍ମଶାଳା,୭।୬(ଡି.ଏନ.ଏ.): ଯାଜପୁର ଜିଲା ଧର୍ମଶାଳା ବ୍ଲକ୍ ଅଧୀନ କୁଣ୍ଡପାଟଣା ଗାଁରୁ ଏବେ ପିତଳ କାରିଗରି ଲୋପ ପାଇବାକୁ ବସିଛି। ପିତଳ କାରିଗରି ପାଇଁ ଏହି ଗାଁ ରାଜ୍ୟରେ ପ୍ରସିଦ୍ଧିଲାଭ କରିଥିଲା। ଗାଁରେ ପୂର୍ବରୁ ୧୦୬ ପରିବାର ଶାଳ କରି ପିତଳ ସାମଗ୍ରୀ ତିଆରି କରୁଥିଲେ। ଏହି କାମରେ ଗ୍ରାମର ୩୦୦ରୁ ଉର୍ଦ୍ଧ୍ୱ ଲୋକ ନିଯୁକ୍ତି ହୋଇଥିଲେ। ହେଲେ ଆବଶ୍ୟକ କଞ୍ଚାମାଲ ଓ ସରକାରୀ ପ୍ରୋତ୍ସାହନ ଅଭାବ ଯୋଗୁ ଏହି କାମରୁ ଲୋକେ ନିବୃତ୍ତ ହେଉଥିବା ଗ୍ରାମର କାରିଗର ନବୀନ ସାହୁ, ଶମ୍ଭୁନାଥ ନାୟକ, ଦୀନବନ୍ଧୁ

### ସରକାରୀ ପ୍ରୋତ୍ସାହନ ଅଭାବ

ସାହୁ ଓ ନୃସିଂହ ସାହୁ ପ୍ରମୁଖ କହିଛନ୍ତି। ଏବେ ଗ୍ରାମର ମାତ୍ର ୬ ପରିବାରରେ ଏହି କାମ ସୀମିତ ହୋଇ ରହିଯାଇଛି।

ଅନ୍ୟପକ୍ଷରେ ଯୁଗ ବଦଳିବା ସହିତ ମେଶିନ ଦ୍ୱାରା ପିତଳ ସାମଗ୍ରୀ ତିଆରି ହେବା ଫଳରେ ଏହାର ଦର କମ୍ ରହୁଛି। ଏଥିସହିତ ସାମଗ୍ରୀରେ ଫିନିସିଂ ରହୁଥିବାରୁ ଚାହିଦା ବଢୁଛି। ମାତ୍ର କାରିଗରଙ୍କ ଦ୍ୱାରା ହାତ ତିଆରି ସାମଗ୍ରୀର ଚାହିଦା କମିବାରେ ଲାଗିଛି। ଆଗକୁ ଏହି କାରିଗରଙ୍କୁ ସରକାରୀ ପ୍ରୋତ୍ସାହନ ନ ମିଳିଲେ ଦିନ ଆସିବ ଅଞ୍ଚଳରୁ ପିତଳ କାରିଗରି କାମ ସମ୍ପୂର୍ଣ୍ଣ ଲୋପ ପାଇଯିବ। ସମୟ ଥିଲା ରାଜ୍ୟ ଓ ରାଜ୍ୟ ବାହାରକୁ କୁଣ୍ଡପାଟଣା ଗ୍ରାମରୁ ପିତଳର ହାତତିଆରି ଗରା, ମାଣ୍ଡିଆ, ତସଲା ଓ ଥାଳି ଆଦି ସାମଗ୍ରୀ ବିକ୍ରି ପାଇଁ ପଠାଯାଉଥିଲା। ଏବେ ଏହି କାମ କମିବାରେ ଲାଗିଛି, ଯାହାକୁ ନେଇ ବୁଦ୍ଧିଜୀବୀମାନେ ଚିନ୍ତା ପ୍ରକଟ କରିଛନ୍ତି। ସରକାର ହସ୍ତଶିଳ୍ପକୁ ଗୁରୁତ୍ୱ ଦେଉଥିବାନେଇ ଡିଣ୍ଡିମ ପିଟୁଥିବାବେଳେ ଏଠାରେ କୌଣସି ପ୍ରକାର ପ୍ରୋତ୍ସାହନ ନ ମିଳିବା ସରକାରଙ୍କ ନୀତି ପ୍ରତି ଆଙ୍ଗୁଳି ନିର୍ଦ୍ଦେଶ କରୁଛି। ତେଣୁ ସରକାର ତୁରନ୍ତ ଏହି ହାତ ତିଆରି ପିତଳ କାରିଗରଙ୍କୁ ପ୍ରୋତ୍ସାହନ ଯୋଗାଇ ଦେବାକୁ ଦାବି ହୋଇଛି।

# ଶୈକ୍ଷିକ ପରିବେଶରେ ସୁଧାର ଆସିବ

### ବିଦ୍ୟାଳୟ ରୂପାନ୍ତରଣକୁ ନେଇ ବୈଠକ

ରସୁଲପୁର,୭।୬(ଡି.ଏନ.ଏ.): ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତର ଦ୍ୱିତୀୟ ହାଇସ୍କୁଲ ବିଲିପଡ଼ାସ୍ଥିତ ବୁଢ଼ୀ ଭାଲୁଣୁଣୀ ବିଦ୍ୟାପୀଠ ୪ର୍ଥ ପର୍ଯ୍ୟାୟରେ ୫–ଟି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛି। ଏହି ଯୋଜନାରେ ବିଦ୍ୟାଳୟକୁ ରୂପାନ୍ତରଣ କରିବା ସକାଶେ ବୁଧବାର ବିଦ୍ୟାଳୟ ପକ୍ଷରୁ ଏକ ବୈଠକ ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ବୈଠକରେ ବିଦ୍ୟାଳୟ ଭିତ୍ତିଭୂମିର ବିକାଶ ଓ ଶୈକ୍ଷିକ ପରିବେଶରେ ସୁଧାର ଆସିବାରେ ବିଦ୍ୟାଳୟ ରୂପାନ୍ତରଣ ଯୋଜନା ସହାୟକ ହେବ ବୋଲି ସୂଚନା ମିଳିଛି। ବିଦ୍ୟାଳୟକୁ ରୂପାନ୍ତରଣ ଆଧାରରେ ବିଦ୍ୟାର୍ଥୀଙ୍କ ପାଇଁ ୨ ସ୍ମାର୍ଟ ଶ୍ରେଣୀ ପ୍ରକୋଷ୍ଠ, ଇ–ଲାଇବ୍ରେରି ଓ ଲାବରେଟୋରି, ପାନୀୟଜଳ ଓ ଶୌଚାଳୟ, ଖେଳ ପଡ଼ିଆର ଉନ୍ନତୀକରଣ, ଫୁଲ ଓ ଫଳ ବଗିଚାର


ବିଦ୍ୟାଳୟ ରୂପାନ୍ତରଣ ନେଇ ଅନୁଷ୍ଠିତ ବୈଠକରେ ଯୋଗଦେଇଥିବା ପ୍ରଧାନ ଶିକ୍ଷକ ଓ ଅନ୍ୟମାନେ।

ଆଦିର ସୌନ୍ଦର୍ଯ୍ୟକରଣ କରାଯିବା ନେଇ ଯୋଜନାରେ ବ୍ୟବସ୍ଥା ଥିବା ୫–ଟି ଯୋଜନାର ସଂଯୋଜକ ଶିକ୍ଷାବିତ୍ ଅମୂଲ୍ୟ କୁମାର ଦାସ ସୂଚନା ଦେଇଛନ୍ତି। ଏହାଛଡ଼ା ବିଦ୍ୟାଳୟକୁ ସରସ ସୁନ୍ଦର କରିବା ଦିଗରେ ବିଦ୍ୟାଳୟ ପରିଚାଳନା କମିଟି, ପୁରାତନ ଛାତ୍ର, ମୋ ସ୍କୁଲ ଅଭିଯାନର ସଭାପତି ଓ ସଦସ୍ୟ, ଗ୍ରାମର ମୁରବୀ, ସର୍ବୋପରି ଜନପ୍ରତିନିଧିଙ୍କ ସହଯୋଗ ଏକାନ୍ତ କାମ୍ୟ। ଏମାନଙ୍କ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ ଜାରି ରଖିବା ପାଇଁ ପ୍ରସ୍ତାବ ପାରିତ ହୋଇଛି। ଏହି ଅବସରରେ ଏକ କମିଟି ଗଠନ କରାଯାଇଛି। ଉକ୍ତ କମିଟି ବିଦ୍ୟାଳୟ ଉନ୍ନୟନ କାର୍ଯ୍ୟକୁ ତଦାରଖ କରିବାକୁ ପରାମର୍ଶ ଦିଆଯାଇଛି। ଭିତ୍ତିଭୂମି ବିକାଶ କାର୍ଯ୍ୟର ଗୁଣାତ୍ମକମାନ ଉପରେ ଅଧିକ ଗୁରୁତ୍ୱ ଦେବାକୁ କୁହାଯାଇଛି। ଶ୍ରେଣୀ ଗୃହ ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରାଯିବ। ରଜ ପର୍ବ ପରେ ବିଦ୍ୟାଳୟ ଖୋଲିବ। ତେବେ ପାଠପଢ଼ାରେ ଯେମିତି ବ୍ୟାଘାତ ନ ଘଟିବ ସେ ଦିଗରେ ଧ୍ୟାନ ଦେଇ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦିଆଯାଇଛି।

ଏଠାରେ ଅନୁଷ୍ଠିତ ବୈଠକରେ ବିଧାୟକଙ୍କ ପ୍ରତିନିଧି ପ୍ରତାପ କୁମାର ଦେଓ, ବିଦ୍ୟାଳୟ ପ୍ରତିଷ୍ଠାତା ସଦସ୍ୟ ରାଜକିଶୋର ଆଏଚ, ଶିକ୍ଷାବିତ୍ ସୁଧାଂଶୁ ଶେଖର ଆଏଚ, ଶଙ୍କର୍ଷଣ ଆଏଚ, ନାଏବ ସରପଞ୍ଚ କେଦାର ଦେଓ, ୱାର୍ଡସଭ୍ୟ ନୃସିଂହ ଚରଣ ମଲିକ, ଆତୁଳ ମିଳିକ, ହିମାଂଶୁ ଆଏଚ, ପ୍ରଧାନଶିକ୍ଷୟିତ୍ରୀ ପ୍ରତିଭା ଜେନା, ପ୍ରଶାନ୍ତ ଆଏଚ, ଶିକ୍ଷୟିତ୍ରୀ ପଦ୍ମିନୀ ସାହୁ, ହେମନ୍ତ ନାୟକ, ନାରାୟଣ ବେହେରା, ଗୋବିନ୍ଦ ବେହେରା, ସରୋଜ ସୂତାର, ମହେନ୍ଦ୍ର କୁମାର ଆଏଚ, ସଞ୍ଜୀତ ଦେଓ ଏବଂ ଜନ୍ମେଜୟ ଦେଓ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ‘ଚାଷୀଙ୍କ ଭୋଟରେ ସରକାର ଗଠନ ହେଉଛି’

ବାଲିକୁଦା,୭।୬(ସ୍ୱ.ପ୍ର.): ବାଲିକୁଦା ବ୍ଲକ ନାଗପୁର ପଞ୍ଚାୟତର ମା’ ଜାଗୁଲାଇଙ୍କ ପୀଠରେ ନବ ନିର୍ମାଣ କୃଷକ ସଙ୍ଗଠର ଏକ ବିଶାଳ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଧର୍ମାନନ୍ଦ ଖଣ୍ଡୁଆଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଯୋଗଦେଇ ଚାଷୀଙ୍କ ଭୋଟରେ ସରକାର ଗଠନ ହେଉଛି, ହେଲେ ଚାଷୀ ଭାଇ ଅବହେଳିତ ହେଉଛନ୍ତି ବୋଲି କହିଥିଲେ। ଜିଲା ସଂଯୋଜକ ଦୁର୍ଗା ଚରଣ ସ୍ୱାଇଁ ଓ ବ୍ଲକ ସଂଯୋଜକ ରଘୁନାଥ ମହାନ୍ତିଙ୍କ ଆହ୍ୱାନକ୍ରମେ ଆଗତ ଏହି ସମାବେଶରେ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଚାଷୀ ମାରଣ ନୀତିକୁ କଟୁ ସମାଲୋଚନା କରି ଭୋଟ ଆମର ରାଜ୍ୟ ଆମର ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହ ସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ, ଜିଲା ସଂଯୋଜକ ଅଶୋକ ସ୍ୱାଇଁ, ଜିଲା କମିଟି ସଦସ୍ୟ ବାବାଜୀ ଜେନା, ଆର୍ତ୍ତବନ୍ଧୁ ବିଶ୍ୱାଳ, ଶିବବ୍ରତ ଦାସ, ରମେଶ ସ୍ୱାଇଁ, ଦେବାଶିଷ ଦାସ, ବ୍ରହ୍ମାନନ୍ଦ ମହାନ୍ତି, ରଘୁନାଥ ପରିଡ଼ା, ଶୁଭେନ୍ଦୁ ଭୋଳ, ରଶ୍ମିରଞ୍ଜନ ରଥ, ବୃନ୍ଦାବନ ବିଶ୍ୱାଳ, ବସନ୍ତ ପଣ୍ଡା ପ୍ରମୁଖ ଯୋଗଦେଇ କୃଷକ ସେବା ସମବାୟ ସମିତିରେ ସମ୍ପାଦକ ଓ ମିଲରଙ୍କ ସଲାସୁତୁରାରେ ଚାଷୀ ଶୋଷଣର ଶିକାର ହେଉଛନ୍ତି ବୋଲି କହିଥିଲେ। ତେଣୁ ଚାଷୀଙ୍କ ସମସ୍ୟା ଏଥର ନିର୍ବାଚନରେ ଭିନ୍ନ ବାତାବରଣ ସୃଷ୍ଟି କରିବ ବୋଲି କହିଥିଲେ।

### ଅଗ୍ନିକାଣ୍ଡରେ ୨ ବଖରା ଜଳିଗଲା

କଣ୍ଟିପାଳ, ୭।୬(ଡି.ଏନ୍.ଏ.): କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅନ୍ତର୍ଗତ କଣ୍ଟିପାଳ ମଠସାହିରେ ଅଗ୍ନିକାଣ୍ଡ ଘଟି ୨ ବଖରା ଜଳିଯାଇଛି। ଗ୍ରାମର ରାଧାଶ୍ୟାମ ବାରିକଙ୍କ ସ୍ତ୍ରୀ ଘରେ ରୋଷେଇ କରୁଥିବା ବେଳେ ଅସାବଧାନତା ବଶତଃ ନିଆଁ ଲାଗିଯାଇଥିଲା। ଖବର ପାଇ ଆନନ୍ଦପୁର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲା। ସେତେବେଳକୁ ରୋଷେଇ ଘର ସହ ପାଖରେ ଥିବା ଗୁହାଳ ପାଉଁଶ ହୋଇଯାଇଥିଲା।

# ପୋଲିସକୁ ଚକ୍‌ମା ଦେଖାଇଲେ ଫେରାର ଅଭିଯୁକ୍ତ

**ଜଗତ୍‌ସିଂହପୁର ଅଫିସ, ୭।୬**

- ଠେଲି ଦେଇ ପୁଅ ସହ ଖସିଗଲେ
- ଥାନାରେ ମାମଲା ରୁଜୁ

ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ସାମନ୍ତରାପୁର ଗ୍ରାମରେ ବୁଧବାର ଜଣେ ଫେରାର ଅଭିଯୁକ୍ତ ପୋଲିସକୁ ଚକ୍‌ମା ଦେଖାଇଛନ୍ତି। ପୁଅ ସହଯୋଗରେ ସେ ପୋଲିସ କର୍ମଚାରୀଙ୍କୁ ଗାଳିଗୁଲଜ, ହତ୍ୟା ଧମକ ଦେବା ସହ ଉଭୟ ଖସିଯିବାକୁ ସମର୍ଥ ହୋଇଛନ୍ତି। ସେମାନେ ହେଲେ ଏହି ଗାଁର ମିଟୁନା ଦାସ ଓ ପୁଅ ଚନ୍ଦନ। ଜଗତ୍‌ସିଂହପୁର ଥାନା ଆଇଆଇସି ଶୁଭ୍ରାଂଶୁ ପରିଡ଼ାଙ୍କ ସୂଚନା ଅନୁଯାୟୀ, ଜଗତ୍‌ସିଂହପୁର ଥାନା ଏସ୍‌ଆଇ ତ୍ରିଲୋଚନ ନାୟକଙ୍କ ନେତୃତ୍ୱରେ ଫେରାର ଅଭିଯୁକ୍ତ ମିଟୁନାଙ୍କୁ ଗିରଫ ପାଇଁ ଏକ ଦଳ ସାମନ୍ତରାପୁର ଗ୍ରାମରେ ପହଞ୍ଚିଥିଲେ। ତା’ପରେ ଏଭଳି ଘଟଣା ଘଟିଛି। ଏସ୍‌ଆଇ ନାୟକଙ୍କ ଅଭିଯୋଗ ଆଧାରରେ ମାମଲା (ନଂ.୩୭୬/୨୩) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଉଦ୍ୟମ ଚାଲିଛି।

ଏସ୍‌ଆଇ ନାୟକ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ଆଇଆଇସିଙ୍କ ନିର୍ଦ୍ଦେଶ ଅନୁସାରେ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା। ତାଙ୍କ ସହ ସିଆଇ ମାନସ କୁମାର ବେହେରା, ମହିଳା ହୋମ ଗାର୍ଡ (ଏଲ୍‌ଏଚ୍‌ଜି) ପ୍ରିୟଙ୍କା ପ୍ରିୟଦର୍ଶିନୀ ବିଶ୍ୱାଳ, ହୋମ ଗାର୍ଡ (ଏଚ୍‌ଜି) ଅଜିତ କୁମାର ବେହେରା ଏବଂ ପୋଲିସ ଫୋର୍ସ ସାମନ୍ତରାପୁରରେ ପହଞ୍ଚି ଫେରାର ଥିବା ମିଟୁନାଙ୍କୁ ଗିରଫ କରିବାର କାରଣ ଦର୍ଶାଉଥିଲେ। ଏହି ସମୟରେ ତାଙ୍କ ପୁଅ ଚନ୍ଦନ ହଠାତ୍ ମହିଳା ହୋମ ଗାର୍ଡ ପ୍ରିୟଙ୍କାଙ୍କୁ ଠେଲି ଦେଇଥିଲେ। କେବଳ ଏତିକି ନୁହେଁ, ବାପାଙ୍କୁ ଏହି ସମୟରେ ଖସିଯିବାକୁ କହିଥିଲେ। ମହିଳା ହୋମ ଗାର୍ଡ ପ୍ରିୟଙ୍କାଙ୍କ ପ୍ରତି ଏଭଳି ବ୍ୟବହାର ଦେଖି କନଷ୍ଟେବଲ ମାନସ ଏବଂ ହୋମ ଗାର୍ଡ ଅଜିତ ସୁରକ୍ଷା ଦେବାକୁ ଚେଷ୍ଟା କରିଥିଲେ। ଏହାସତ୍ତ୍ୱେ ମିଟୁନା ସେମାନଙ୍କୁ ଠେଲି ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହ ସେଠାରୁ ପୁଅ ସହ ଖସିଯାଇଥିଲେ। ଏପରି କି ପଥର ଫୋପାଡି ଜୀବନରୁ ମାରି ଦେବାକୁ ମଧ୍ୟ ଧମକ ଦେଇଥିଲେ। ଉଭୟ ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସ ଉଦ୍ୟମ କରିଥିଲେ ମଧ୍ୟ ଖବର ଲେଖା ହେବା ପର୍ଯ୍ୟନ୍ତ ସଫଳ ହୋଇ ନ ଥିଲେ। ଏହି ମାମଲାର ତଦନ୍ତ ଭାର ଏସ୍‌ଆଇ ପି.କେ. କାନୁନ୍‌ଗୋଙ୍କୁ ଦିଆଯାଇଛି।

# ଜିଲା ବିଜେଡି ବୈଠକରେ ନିର୍ବାଚନୀ ରଣନୀତି

**କେନ୍ଦ୍ରାପଡ଼ା ଅଫିସ, ୭।୬**



ବୈଠକରେ ଯୋଗଦେଇଥିବା ବିଜେଡି ନେତା ଓ କର୍ମୀ।

କେନ୍ଦ୍ରାପଡ଼ା ଜିଲା ବିଜେଡିର କାର୍ଯ୍ୟକାରିଣୀ ବୈଠକ ସହରର ଇଚ୍ଛାପୁରସ୍ଥ ଏକ କଲ୍ୟାଣ ମଣ୍ଡପରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଉତ୍କଳ କେଶରୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, ରାଜନଗର ବିଧାୟକ ଧ୍ରୁବଚରଣ ସାହୁ, ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ, ଜିଲା ପରିଷଦ ଅଧ୍ୟକ୍ଷା ଗୀତାରାଣୀ ସେଠୀ, ଉପାଧ୍ୟକ୍ଷ ଅଶୋକ ପ୍ରତିହାରୀ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଜିଲା ପ୍ରଭାରୀ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଯୋଗ ଦେଇ ନିର୍ବାଚନୀ ରଣନୀତି ପ୍ରସ୍ତୁତ କରିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ତୃଣମୂଳସ୍ତରରେ ପ୍ରଚାର ପ୍ରସାରକୁ ଏଠାରେ ଗୁରୁତ୍ୱ ଦିଆଯାଇଥିଲା। ସାମାଜିକ ଗଣମାଧ୍ୟମକୁ ବ୍ୟବହାର କରି ଲୋକଙ୍କ ଚିନ୍ତାଧାରାକୁ ପ୍ରଭାବିତ କରିବାକୁ ଆହ୍ୱାନ କରାଯିବା ସହ କର୍ମୀ ଓ ନେତା ଶଙ୍ଖ ଚିହ୍ନ ପୋଷାକରେ ଲଗାଇବାକୁ ପରାମର୍ଶ ଦିଆଯାଇଥିଲା। ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରେ କାର୍ଯ୍ୟକାରିଣୀ ବୈଠକ ହେବ ବୋଲି ଜିଲା ପ୍ରଭାରୀ ମନ୍ତ୍ରୀ ମଲ୍ଲିକ ସୂଚନା ଦେଇଥିଲେ। ଏହି ବୈଠକରେ ଜିଲା ଉପସଭାପତି ଦେବଦାଶ ମହାନ୍ତି, ସମ୍ପାଦକ ରଞ୍ଜିତ ସାହୁ, ଯୁବ ବିଜେଡି ସଭାପତି ରାଜେଶ ଦାଶ, ଶୁଭାଶିଷ ମହାନ୍ତି, ହିରଣ୍ୟ କୁମାର ପଣ୍ଡା, ବିଜୟ ପତି ପ୍ରମୁଖଙ୍କ ସହ ସମସ୍ତ ବ୍ଲକ ଅଧ୍ୟକ୍ଷ, ଦଳୀୟ ଜିଲା ପରିଷଦ ସଭ୍ୟାସଭ୍ୟ ପ୍ରମୁଖ ଯୋଗ ଦେଇଥିଲେ। ତେବେ ଏହି ବୈଠକରେ ମହାକାଳପଡ଼ା ବିଧାୟକ ତଥା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ରାୟଗଡା ଜିଲା ଗସ୍ତ ପାଇଁ ଯୋଗ ଦେଇ ନ ଥିବା ଜିଲା ବିଜେଡିର କର୍ମକର୍ତ୍ତା ସୂଚନା ଦେଇଛନ୍ତି। ଅପରପକ୍ଷେ କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରାଙ୍କ ସହ ଦଳୀୟ କର୍ମୀଙ୍କ ଅସନ୍ତୋଷ କାରଣରୁ ବୈଠକରେ ଯୋଗ ଦେଇ ନ ଥିବା ଆଲୋଚନା ହେଉଛି। ସେହିପରି ଦଳୀୟ ବୈଠକରେ ଏମ୍‌ପି ଅନୁଭବ ମହାନ୍ତି ଯୋଗ ଦେଇ ନାହାନ୍ତି।

# ବାଇକ୍ ଧକ୍କାରେ ସାଇକେଲ ଆରୋହୀ ମୃତ

**ତିହିଡ଼ି,୭।୬(ଡି.ଏନ.ଏ.)**

ଭଦ୍ରକ-ଚାନ୍ଦବାଲି ରାସ୍ତାର ସିନ୍ଦୋଲ ପଣ୍ଡା ପୋଖରୀଛକରେ ବୁଧବାର ସକାଳେ ବାଇକ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କର ମୃତ୍ୟୁ ଘଟିଛି। ମୃତକ ତିହିଡ଼ି ଥାନା ବାରୋ ପଞ୍ଚାୟତ ଡାଙ୍ଗମାଳ ଗ୍ରାମର ଜଳଧର ମଲିକ(୫୮)। ସେ ସାଇକେଲ ଯୋଗେ ଶ୍ୱଶୁର ଘର ନୂଆସାହି ଗାଁକୁ ଯାଉଥିଲେ। ସେ ସମୟରେ ଗଦି ବଜାରରୁ ତିହିଡ଼ି ଅଭିମୁଖେ ଆସୁଥିବା ବାଇକ ତାଙ୍କୁ ଧକ୍କା ଦେଇଥିଲା। ଜଳଧର ଗୁରୁତର ହୋଇପଡ଼ିଥିବା ବେଳେ ତାଙ୍କୁ ଚିକିତ୍ସା ପାଇଁ ତିହିଡ଼ି ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାଇକ ଆରୋହୀ ସାମନ୍ତରାୟପୁର ଗ୍ରାମର ବିଶ୍ୱମ୍ଭର ସାହୁ ମଧ୍ୟ ଗୁରୁତର ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ଭଦ୍ରକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଘଟଣାରେ ପୋଲିସ ତଦନ୍ତ ଆରମ୍ଭ କରିଛି।

# ଜୟପ୍ରକାଶ ଶିକ୍ଷା ନିକେତନକୁ ପ୍ରକୃତିମିତ୍ର ପୁରସ୍କାର


ଶିକ୍ଷା ନିକେତନର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ମିଶ୍ର ପୁରସ୍କାର ଗ୍ରହଣ କରୁଛନ୍ତି।

**ରଘୁନାଥପୁର,୭।୬(ଡି.ଏନ୍.ଏ.)**

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓଡ଼ିଶା ସରକାରଙ୍କ ପକ୍ଷରୁ ରଘୁନାଥପୁର ବ୍ଲକ ତଅଁରା ପଞ୍ଚାୟତ ରାମଚନ୍ଦ୍ରପୁରସ୍ଥିତ ଜୟପ୍ରକାଶ ଶିକ୍ଷାନିକେତନକୁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ସୋମବାର ଭୁବନେଶ୍ୱରସ୍ଥିତ ଲୋକସେବା ଭବନ ରାଜ କନଭେନଶନ ସେଣ୍ଟରରେ ଆୟୋଜିତ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଏହା ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସି ମାଧ୍ୟମରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଯୋଗଦେଇ ଶିକ୍ଷାନିକେତନର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ମିଶ୍ରଙ୍କୁ ପ୍ରକୃତିମିତ୍ର ପ୍ରମାଣପତ୍ର ସହ ୨୦ ହଜାର ଟଙ୍କାର ଚେକ ପ୍ରଦାନ କରିଥିଲେ। ପ୍ରକୃତିମିତ୍ର ସମ୍ମାନରେ ବିଦ୍ୟାଳୟ ସମ୍ମାନିତ ହୋଇଥିବାରୁ ସ୍କୁଲ ପରିଚାଳନା କମିଟି ସଭାପତି ଇଂ. ବାବାଜୀ ଚରଣ ଜେନା, ସଭ୍ୟ ପାର୍ଥଶାଖୀ ପାଲଟାସିଂହ, ପୂର୍ଣ୍ଣଚନ୍ଦ୍ର ଜେନା, ସରପଞ୍ଚ ବଟକୃଷ୍ଣ ନାୟକ, ସମିତି ସଭ୍ୟା ଶାନ୍ତିଲତା ଦ୍ୱିବେଦୀ,ଆଲୁମ୍ନି ସଭାପତି ମାନସ କୁମାର ମହାପାତ୍ର, ସମ୍ପାଦକ ଜୟପ୍ରକାଶ ଜେନା, ଓଡ଼ିଶା ମୋ ପରିବାର ସଭ୍ୟ ଡ. ସୁରେନ୍ଦ୍ରନାଥ ମହାପାତ୍ର ଓ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ପ୍ରଧାନ ଶିକ୍ଷକ ମିଶ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ବାହାନଗା ଟ୍ରେନ ଦୁର୍ଘଟଣା ଆହତଙ୍କ ପାଇଁ ରକ୍ତଦାନ ଶିବିର

**ପାରାଦୀପ,୭।୬(ସ୍ୱ.ପ୍ର.)**

ପାରାଦୀପ ବିଜୟଚାନ୍ଦପୁରସ୍ଥିତ ବାବା ବିବେକାନନ୍ଦ ୟୁଥ କ୍ଲବ ପକ୍ଷରୁ ବୁଧବାର ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ୩୯ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ବାଲେଶ୍ୱର ବାହାନଗା ଟ୍ରେନ ଦୁର୍ଘଟଣାରେ ଆହତଙ୍କ ଚିକିତ୍ସା ପାଇଁ ଏହି ରକ୍ତଦାନ ଶିବିର କରାଯାଇଛି ବୋଲି କ୍ଲବ ସଭାପତି ଜଗନ୍ନାଥ ହାଲଦାର ସୂଚନା ଦେଇଛନ୍ତି। ଶିବିର ଆୟୋଜନରେ ପ୍ରମୁଖ ଭାବେ ଅଜୟ ମିସ୍ତ୍ରି, ପ୍ରଶାନ୍ତ ପ୍ରଧାନ, ମହାଦେବ କାମିନା, ମହାଦେବ ମାନ୍ନା ଯୋଗଦେଇଥିଲେ। ଏହି ଅବସରରେ ଟ୍ରେନ୍ ଦୁର୍ଘଟଣାରେ ମୃତକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା।

# ‘ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଟ୍ରଷ୍ଟବୋର୍ଡକୁ ବଳି ପକାଇବାକୁ ଉଦ୍ୟମ ହେଉଛି’

## ଖବରଦାତା ସମ୍ମିଳନୀରେ ରୁଦ୍ରେଶ୍ୱର ମନ୍ଦିର କମିଟି ସଦସ୍ୟଙ୍କ ବୟାନ

**ରଘୁନାଥପୁର,୭।୬(ଡି.ଏନ୍.ଏ.)**


ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା ଟ୍ରଷ୍ଟବୋର୍ଡ କମିଟି ସଭାପତି ଓ ଅନ୍ୟମାନେ।

ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ରଘୁନାଥପୁର ବ୍ଲକ କୋରକରାସ୍ଥିତ ବହୁ ପ୍ରାଚୀନ ରୁଦ୍ରେଶ୍ୱର ମନ୍ଦିର ଓ ଏହାର ଟ୍ରଷ୍ଟବୋର୍ଡକୁ ବଦନାମ କରିବା ପାଇଁ ଷଡ଼ଯନ୍ତ୍ର ହେଉଛି। ଏ ସମ୍ପର୍କରେ ବୁଧବାର ବ୍ଲକ ଛକସ୍ଥିତ ମଦନମୋହନ ମଠ ପରିସର ଏକ ଖବରଦାତା ସମ୍ମିଳନୀରେ ଟ୍ରଷ୍ଟବୋର୍ଡ କମିଟି ସଭାପତି ନିର୍ମଳ ଚନ୍ଦ୍ର ଦାସ, ସଦସ୍ୟ ଚନ୍ଦ୍ରମଣି ବରାଳ, ପ୍ରଦୀପ ନାୟକ, ସଞ୍ଜୟ ବିଶ୍ୱାଳ ଓ କୃଷ୍ଣଚନ୍ଦ୍ର ମହାନ୍ତି ପ୍ରକାଶ କରିଛନ୍ତି। ଗତ ୨୦୨୧ରେ ଦେବୋତ୍ତର ବିଭାଗ ପକ୍ଷରୁ ମନ୍ଦିରର ନୀତିକାନ୍ତି ପାଇଁ ୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଏହାର ସମ୍ପୂର୍ଣ୍ଣ ଖର୍ଚ୍ଚର ହିସାବ(ୟୁସି)ଦେବୋତ୍ତର ବିଭାଗକୁ ପ୍ରଦାନ କରାଯାଇଛି। କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ନିଜର ବ୍ୟକ୍ତିଗତ ସ୍ୱାର୍ଥ ହାସଲ କରିବା ପାଇଁ ଗଣମାଧ୍ୟମ ଓ ସୋସିଆଲ ମିଡିଆରେ ଟଙ୍କା ହଡ଼ପ ହୋଇଥିବା ନେଇ ମିଥ୍ୟା ତଥ୍ୟ ରଖିଛନ୍ତି। ଏହା ସମ୍ପୂର୍ଣ୍ଣ ଭିତ୍ତିହୀନ ଓ ଏଥିରେ କୌଣସି ସତ୍ୟତା ନାହିଁ ବୋଲି ସଭାପତି ଦାସ କହିଛନ୍ତି। ଅନ୍ୟପକ୍ଷେ ଭକ୍ତଙ୍କ ଦାନଅର୍ଥ ଓ ସରକାରୀ ଅନୁଦାନରେ ହେଉଥିବା ମନ୍ଦିରର ଉନ୍ନତିମୂଳକ କାର୍ଯ୍ୟରେ ଚଞ୍ଚକତା ଉଦ୍ୟମକୁ ସଫଳ କରାଇ ଦିଆ ନ ଯିବାରୁ ଟ୍ରଷ୍ଟବୋର୍ଡକୁ ଆଇନ ପରିସରକୁ ଟଣାଯାଉଛି ବୋଲି ସଭାପତି ଦାସ ପ୍ରକାଶ କରିଛନ୍ତି। ଟଙ୍କା ହଡ଼ପ ଘଟଣାର ବିଧିବଦ୍ଧ ତଦନ୍ତ ନ ହେଲେ ଅନଶନ ଓ ଆନ୍ଦୋଳନକୁ ଓଲଇବା ପାଇଁ ସଭାପତି ଦାସ ଚେତାବନୀ ଦେଇଛନ୍ତି। ଗତ ୨୦୨୧ରେ ଦେବୋତ୍ତର ବିଭାଗ ପକ୍ଷରୁ ଟ୍ରଷ୍ଟବୋର୍ଡ ଗଠନ କରିବାକୁ ଅନୁମତି ମିଳିଥିଲା। ଏଥିରେ ଏବେ ସ୍ଥାନୀୟ ତହସିଲଦାର, ଆଇଆଇସିଙ୍କ ସହ ୭ ଜଣ ସ୍ଥାନୀୟ ସଦସ୍ୟ ରହିଛନ୍ତି। ସେମାନଙ୍କ ମଧ୍ୟରୁ ଶଙ୍କର ପ୍ରଧାନ ନାମକ ବ୍ୟକ୍ତିଙ୍କ ଗତ ୨୦୨୨ରେ ମୃତ୍ୟୁ ହୋଇଛି। ମନ୍ଦିର ଓ ଟ୍ରଷ୍ଟବୋର୍ଡ ବିରୋଧରେ ମିଥ୍ୟା ଅପପ୍ରଚାର କରି ଭକ୍ତଙ୍କ ଭାବାବେଗ ପ୍ରତି ଆଘାତ ପହଞ୍ଚାଉଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଖବରଦାତା ସମ୍ମିଳନୀରେ ଦାବି କରାଯାଇଛି। ଏନେଇ ଟ୍ରଷ୍ଟବୋର୍ଡ ସଦସ୍ୟଙ୍କ ସହ ଗ୍ରାମବାସୀ, ଜିଲାପାଳ, ଦେବୋତ୍ତର ଆୟୁକ୍ତ, ଆଇନ ମନ୍ତ୍ରୀ, ସଚିବ ଏବଂ ୫-ଟି ସଚିବଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ବୋଲି କୁହାଯାଇଛି।

# ଅଗ୍ନିବିପନ୍ନଙ୍କୁ ରାତିରେ ପାଲ ଯୋଗାଇଲେ ତହସିଲଦାର


ତହସିଲଦାର ଅଗ୍ନିବିପନ୍ନଙ୍କୁ ପଲିଥିନ୍ ପ୍ରଦାନ କରୁଛନ୍ତି।

**ରାଜନଗର,୭।୬(ଡି.ଏନ୍.ଏ.)**

## ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ସହାୟତା

ମଙ୍ଗଳବାର ରାଜନଗର ବ୍ଲକର ବ୍ରାହ୍ମଣସାହି ଅନ୍ତର୍ଗତ ବଡନାଉକୋଣା ଗାଁରେ ବଜ୍ରପାତରେ ୩ ପରିବାରର ୧୦ ବଖରା ଘର ସହ ଲକ୍ଷାଧିକ ଟଙ୍କାର ଆସବାସ ପତ୍ର ପୋଡି ପାଉଁଶ ହୋଇଯାଇଛି। ବଜ୍ରପାତରେ ଘର ପୋଡି ଯାଇଥିଲେ ମଧ୍ୟ ପରିବାର ଲୋକେ ନିଜ ଜୀବନ ବଞ୍ଚାଇବାରେ ସକ୍ଷମ ହୋଇଛନ୍ତି। ଏବେ ଗାଁର ଅଗ୍ନିବିପନ୍ନ ମନୋରଞ୍ଜନ ବାରିକ, ସୁରେନ୍ଦ୍ର ବାରିକ, ପରମାନନ୍ଦ ବାରିକଙ୍କ ପରିବାରର ୧୮ଜଣ ସଦସ୍ୟ ଗାଁ ସ୍କୁଲରେ ଆଶ୍ରୟ ନେଇଛନ୍ତି। ଏ ସଂକ୍ରାନ୍ତରେ ଖବର ପାଇଁ ମଙ୍ଗଳବାର ରାତିରେ ରାଜନଗର ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ ବିପନ୍ନ ପରିବାର ନିକଟରେ ପହଁଚି ପଲିଥିନ ଯୋଗାଇ ଦେବା ସହ ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। କେନ୍ଦ୍ରାପଡା ଜିଲାପରିଷଦ ଉପାଧ୍ୟକ୍ଷ ତଥା ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀ ବିପନ୍ନ ପରିବାର ନିକଟରେ ପହଁଚି ସମବେଦନା ଜଣାଇବା ସହ ୬ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ପ୍ରତିହାରୀଙ୍କ ସହିତ ସରପଞ୍ଚ ବୀଣାପାଣି ପ୍ରଧାନ, ସମିତିସଭ୍ୟ ରବିନ ମଲିକ, ସେବା ସମବାୟ ସମିତିର ସଭାପତି ନରେଶ ବେହେରା, ଯୁବନେତା ପ୍ରମୋଦ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବୁଧବାର ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ବିପନ୍ନ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇବା ସହ ୭ଦିନ ପାଇଁ ରନ୍ଧାଖାଦ୍ୟ ଯୋଗାଇ ଦେଇଛନ୍ତି।

# ଲୋପ ପାଇବ କୁଣ୍ଡପାଟଣାର ପିତଳ କାରିଗରୀ

**ଧର୍ମଶାଳା,୭।୬(ଡି.ଏନ.ଏ.)**

## ସରକାରୀ ପ୍ରୋତ୍ସାହନ ଅଭାବ

ଯାଜପୁର ଜିଲା ଧର୍ମଶାଳା ବ୍ଲକ୍ ଅଧୀନ କୁଣ୍ଡପାଟଣା ଗାଁରୁ ଏବେ ପିତଳ କାରିଗରି ଲୋପ ପାଇବାକୁ ବସିଛି। ପିତଳ କାରିଗରି ପାଇଁ ଏହି ଗାଁ ରାଜ୍ୟରେ ପ୍ରସିଦ୍ଧିଲାଭ କରିଥିଲା। ଗାଁରେ ପୂର୍ବରୁ ୧୦୬ ପରିବାର ଶାଳ କରି ପିତଳ ସାମଗ୍ରୀ ତିଆରି କରୁଥିଲେ। ଏହି କାମରେ ଗ୍ରାମର ୩୦୦ରୁ ଊର୍ଦ୍ଧ୍ୱ ଲୋକ ନିଯୁକ୍ତି ହୋଇଥିଲେ। ହେଲେ ଆବଶ୍ୟକ କଞ୍ଚାମାଲ ଓ ସରକାରୀ ପ୍ରୋତ୍ସାହନ ଅଭାବ ଯୋଗୁ ଏହି କାମରୁ ଲୋକେ ନିବୃତ ହେଉଥିବା ଗ୍ରାମର କାରିଗର ନବୀନ ସାହୁ, ଶମ୍ଭୁନାଥ ନାୟକ, ଦୀନବନ୍ଧୁ ସାହୁ ଓ ନୃସିଂହ ସାହୁ ପ୍ରମୁଖ କହିଛନ୍ତି। ଏବେ ଗ୍ରାମର ମାତ୍ର ୬ ପରିବାରରେ ଏହି କାମ ସୀମିତ ହୋଇ ରହିଯାଇଛି। ଅନ୍ୟପକ୍ଷରେ ଯୁଗ ବଦଳିବା ସହିତ ମେଶିନ ଦ୍ୱାରା ପିତଳ ସାମଗ୍ରୀ ତିଆରି ହେବା ଫଳରେ ଏହାର ଦର କମ ରହୁଛି। ଏଥିସହିତ ସାମଗ୍ରୀରେ ଫିନିସିଂ ରହୁଥିବାରୁ ଚାହିଦା ବଢୁଛି। ମାତ୍ର କାରିଗରଙ୍କ ଦ୍ୱାରା ହାତ ତିଆରି ସାମଗ୍ରୀର ଚାହିଦା କମିବାରେ ଲାଗିଛି। ଆଗକୁ ଏହି କାରିଗରଙ୍କୁ ସରକାରୀ ପ୍ରୋତ୍ସାହନ ନ ମିଳିଲେ ଦିନ ଆସିବ ଅଞ୍ଚଳରୁ ପିତଳ କାରିଗରି କାମ ସମ୍ପୂର୍ଣ୍ଣ ଲୋପ ପାଇଯିବ। ସମୟ ଥିଲା ରାଜ୍ୟ ଓ ରାଜ୍ୟ ବାହାରକୁ କୁଣ୍ଡପାଟଣା ଗ୍ରାମରୁ ପିତଳର ହାତତିଆରି ଗରା, ମାଣ୍ଡିଆ, ତସଲା ଓ ଥାଳି ଆଦି ସାମଗ୍ରୀ ବିକ୍ରି ପାଇଁ ପଠାଯାଉଥିଲା। ଏବେ ଏହି କାମ କମିବାରେ ଲାଗିଛି, ଯାହାକୁ ନେଇ ବୁଦ୍ଧିଜୀବୀମାନେ ଚିନ୍ତା ପ୍ରକଟ କରିଛନ୍ତି। ସରକାର ହସ୍ତଶିଳ୍ପକୁ ଗୁରୁତ୍ୱ ଦେଉଥିବାନେଇ ଡିଣ୍ଡିମ ପିଟୁଥିବାବେଳେ ଏଠାରେ କୌଣସି ପ୍ରକାର ପ୍ରୋତ୍ସାହନ ନ ମିଳିବା ସରକାରଙ୍କ ନୀତି ପ୍ରତି ଆଙ୍ଗୁଳି ନିର୍ଦ୍ଦେଶ କରୁଛି। ତେଣୁ ସରକାର ତୁରନ୍ତ ଏହି ହାତ ତିଆରି ପିତଳ କାରିଗରଙ୍କୁ ପ୍ରୋତ୍ସାହନ ଯୋଗାଇ ଦେବାକୁ ଦାବି ହୋଇଛି।



# ମାଣ୍ଡିଆର ଉପାଦେୟତା ଉପରେ ଗୁରୁତ୍ୱ

**ଜଗତ୍‌ସିଂହପୁର ଅଫିସ, ୭।୬**


କର୍ମଶାଳାରେ ଯୋଗଦେଇଥିବା ମହିଳା ଓ ବାଳିକାମାନେ।

## ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ମିଲେଟ୍ ମେଳା

ଦିନ ଥିଲା ମାଣ୍ଡିଆ ମଣିଷର ଶ୍ରେଷ୍ଠ ଖାଦ୍ୟ ଥିଲା। ମାଣ୍ଡିଆ ଜାଉ ଘରେ ଘରେ ମୁଖ୍ୟ ଖାଦ୍ୟ ରୂପେ ବ୍ୟବହାର ହେଉଥିଲା। ବିଶେଷକରି ଦେଶର ଗରିବମାନଙ୍କର ଏହା ପ୍ରମୁଖ ଖାଦ୍ୟ ଥିଲା। ସମୟ ଚକ୍ରରେ ମାଣ୍ଡିଆଠାରୁ ଲୋକେ ଦୂରେଇ ଯିବାରେ ଲାଗିଲେ। କିନ୍ତୁ ଏବେ ପୁଣି ମାଣ୍ଡିଆ ଉପରେ ଗୁରୁତ୍ୱ ଦିଆଯାଉଛି। ଭିଭିଆଇପିମାନେ ମଧ୍ୟ ସହରରେ ମାଣ୍ଡିଆ ପ୍ୟାକେଟ୍ କିଣିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ବୁଧବାର ସ୍ଥାନୀୟ ଜନ ଶିକ୍ଷଣ ସଂସ୍ଥା କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କର୍ମଶାଳା ଓ ସଚେତନତା କାର୍ଯ୍ୟକ୍ରମରେ ଏହା କୁହାଯାଇଛି। ଏଥିରେ ଅତିଥିମାନେ ଦୈନନ୍ଦିନ ଜୀବନରେ ମାଣ୍ଡିଆ ସେବନର ଉପକାରିତା ଉପରେ ବର୍ଣ୍ଣନା କରିଥିଲେ। ମାଣ୍ଡିଆରେ ବିଶେଷକରି ଆଣ୍ଟି ଡାଏବେଟିକ୍, ଆଣ୍ଟି ଟ୍ୟୁମେରୋଜେନିକ୍, ଆଥେରୋସକ୍ଲେରୋଜେନିକ୍ ପ୍ରଭାବ, ଆଣ୍ଟି ଅକ୍ସିଡାଣ୍ଟ ଏବଂ ଆଣ୍ଟି ମାଇକ୍ରୋବାୟାଲ ଉପାଦାନ ରହିଛି। ଧାନଜାତୀୟ ଫସଲଗୁଡିକ ମଧ୍ୟରେ ମାଣ୍ଡିଆରେ କ୍ୟାଲସିୟମ୍ ସର୍ବାଧିକ ୩୪୪ ଓ ପୋଟାସିୟମ୍ ୪୦୮ ମିଲିଗ୍ରାମ ରହିଛି। ଏହାର ଉପକାରିତା ଅନୁଭବ କରି ଏବେ ମାଣ୍ଡିଆ ପ୍ରୋସେସିଂ ୟୁନିଟ୍ ଉପରେ ଚାହିଦା ବଢ଼ିଲାଣି। ନୁଡୁଲ୍, ପାସ୍ତା, ହାଲୱା, ପାପଡ଼, ସୁପ୍ ଏବଂ ବାକେରୀ ସାମଗ୍ରୀ ଭଳି ଅନେକ କିଛି ବଜାରରେ ଉପଲବ୍ଧ ହେଲାଣି। ସରକାର ମଧ୍ୟ ମାଣ୍ଡିଆର ବ୍ୟାପକ ବ୍ୟବହାର ଉପରେ ଧ୍ୟାନ ଦେଉଛନ୍ତି। ଏନେଇ ନାନା ସଚେତନତାମୂଳକ କାର୍ଯ୍ୟକ୍ରମ କରାଯାଉଛି। ଏହି ଅବସରରେ ପୂର୍ବ ପୁରୁଷମାନେ କିଭଳି ମାଣ୍ଡିଆ ଶସ୍ୟରୁ ବିଭିନ୍ନ ପ୍ରକାରର ସାମଗ୍ରୀ ଉତ୍ପାଦନ କରୁଥିଲେ ତାହା ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଏକ ଷ୍ଟଲ ଖୋଲାଯାଇଥିଲା। ଏଥିରେ ମାଣ୍ଡିଆ, ବାଜରା, ଯଅ, ଚିନି ଆଦି ଶସ୍ୟ ରଖାଯାଇଥିଲା। ଏସବୁ ଶସ୍ୟରୁ ପ୍ରସ୍ତୁତ ବିଭିନ୍ନ ପ୍ରକାର ଖାଦ୍ୟ ପରଷା ଯାଇଥିଲା। ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ କୃଷି ଅଧିକାରୀ ରମେଶ ଚନ୍ଦ୍ର ଦାଶ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଗୋପାଳକୃଷ୍ଣ ମିଶ୍ର, ଜନ ଶିକ୍ଷଣ ସଂସ୍ଥା ନିର୍ଦ୍ଦେଶକ କିଶୋର କୁମାର ସାମଲ, ଶଶିଭୂଷଣ ଶତପଥୀ ଓ ନେହେରୁ ଯୁବ କେନ୍ଦ୍ର (ଏନ୍‌ୱାଇକେ) ସହକର୍ମୀ ପବିତ୍ର ମୋହନ ସୁବୁଦ୍ଧି ଯୋଗ ଦେଇଥିଲେ। ସୁବୁଦ୍ଧି ଅତିଥି ପରିଚୟ କରିଥିଲେ। ଜନ ଶିକ୍ଷଣ ସଂସ୍ଥାନର କର୍ମକର୍ତ୍ତା ଓ ଏନ୍‌ୱାଇକେର ଜାତୀୟ ସ୍ୱେଚ୍ଛାସେବୀ ଅନିଲ ଦାସ, ରାଜଲକ୍ଷ୍ମୀ ସ୍ୱାଇଁ ଓ ଶୁଭଶ୍ରୀ ରାଉତ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ପାଣି ପାଇଁ ହନ୍ତସନ୍ତ ଶାନ୍ତିନଗରବାସୀ

ଆର.ଉଦୟଗିରି,୭।୬(ଡି.ଏନ.ଏ.)ଆର୍.ଉଦୟଗିରି ବ୍ଲକ ମହେନ୍ଦ୍ରଗଡ଼ ପଞ୍ଚାୟତ ଅନ୍ତର୍ଗତ ରଣାଲଇ ଗ୍ରାମର ଶାନ୍ତିନଗର ସାହି ୱାର୍ଡ ନମ୍ବର ୪ର ସାହି ବାସିନ୍ଦା ପ୍ରତିଦିନ ପାଣି ପାଇଁ ହଇରାଣ ହେଉଛନ୍ତି। ଏ ବିଷୟରେ ସ୍ଥାନୀୟ ଅଧିକାରୀଙ୍କୁ ସାହି ବାସିନ୍ଦା କହିଲେ ମଧ କୌଣସି ସୁଫଳ ମିଳୁନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି। ସୂଚନା କ୍ରମେ, ଶାନ୍ତିନଗର ସାହିଟି ଗ୍ରାମର ଶେଷ ଭାଗରେ ଅବସ୍ଥିତ। ତେଣୁ ସପ୍ଲାଇ ପାଣି ଅଧଘଣ୍ଟା ପାଇଁ ପାଇପ ଜରିଆରେ ଛଡାଯାଉଛି। ସେଇଠି ତିନୋଟି ପାଇପରେ ୨୧ଟି ପରିବାର ନିର୍ଭର କରନ୍ତି। ଫଳରେ ଯଥେଷ୍ଟ ପରିମାଣରେ ପାଣି ମିଳୁନାହିଁ ବୋଲି ଭାରତୀୟ ମାନବାଧିକାର ଆୟୋଗର ବିଏଚ୍ଆରସି ଇଣ୍ଡିଆର ରାଜ୍ୟ ସଭାପତି ପ୍ରସନ୍ନ କୁମାର ଗୁରୁ ଗଜପତି ଜିଲା ସଭାପତି ସୁଶାନ୍ତ ପ୍ରଧାନଙ୍କୁ ଜଣାଇବା ସହ ଗଣମାଧ୍ୟମ ଜରିଆରେ ସ୍ଥାନୀୟ ସରକାରୀ ଅଧିକାରୀଙ୍କୁ ଅଭିଯୋଗ କରିଛନ୍ତି।

### ବ୍ୟବସାୟୀଙ୍କ ବିୟୋଗରେ ଶୋକସଭା

ଗଞ୍ଜାମ,୭।୬(ଡି.ଏନ.ଏ.) ଗଞ୍ଜାମ ସହର ସାନ ବଜାରର ବରିଷ୍ଠ ବ୍ୟବସାୟୀ ନିରଞ୍ଜନ ଦାସ ଓ ତାଙ୍କ ସ୍ତ୍ରୀ ଗାୟତ୍ରୀ ଦାସଙ୍କ ଗତ ଦୁଇ ଦିନ ତଳେ ପୁରୀଠାରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ଏଥିପାଇଁ ସାନ ବଜାର ବଣିକ ସଂଘ ପକ୍ଷରୁ ଶନିମନ୍ଦିରସ୍ଥିତ ଗଜାନନ ପୀଠଠାରେ ସଂଘ ସଭାପତି ସୁଧୀର କୁମାର ପାଢ଼ୀଙ୍କ ଅଧକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ସୁଧୀର ପାଢ଼ୀ, ବିନୋଦ ମହାପାତ୍ର, ପ୍ରଭାତ ସାହୁ, ବାପି ଦାସ, ବଟ ରାଉଳ, ସନ୍ତୋଷ ଦାସ, କେଞ୍ଚୁ ପଣ୍ଡା, ଧୁଶା ଗୌଡ଼ ଏବଂ କାଳିଆ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ସାଇ ଗୁରୁକୁଳରେ ଶିକ୍ଷକ ପ୍ରଶିକ୍ଷଣ ଶିବିର

ଭଞ୍ଜନଗର,୭।୬(ଡି.ଏନ.ଏ)-ଭଞ୍ଜନଗର ସାଇ ଗୁରୁକୁଳ ଆବାସିକ ବିଦ୍ୟାଳୟରେ ଚାଲିଥିବା ଜିଲାର ଘରୋଇ ଶିକ୍ଷାନୁଷ୍ଠାନ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ତାଲିମ ଶିବିର ବୁଧବାର ଦ୍ୱିତୀୟ ଦିବସରେ ପହଞ୍ଚିଛି । ଶିବିରକୁ ଭଞ୍ଜନଗର ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ଅବସରପ୍ରାପ୍ତ କଲେଜ ଅଧକ୍ଷ କୃତିବାସ ବିଶ୍ୱାଳ,ସମ୍ପାଦକ ଅଜିତ୍ ଶତପଥି, ନିର୍ଦ୍ଦେଶକ ସୂର୍ଯ୍ୟ ନାରାୟଣ ପାତ୍ର, ରମାକାନ୍ତ ପାଢ଼ୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସଭାପତି ଶୂଳପାଣି ଶତପଥି ସଭାକୁ ସଂଯୋଜନା କରିଥିଲେ । ସାଧନବ୍ୟକ୍ତି ଭାବେ ଶିକ୍ଷୟତ୍ରୀ ଦିପ୍ତାଂଶୁ ପ୍ରଭା ଦେବୀ, ଛାୟାକାନ୍ତ ମହାପାତ୍ର, ମଞ୍ଜୁଳା ପ୍ରଧାନ, ହୃଷିକେଶ ବିଶ୍ୱାଳ ପ୍ରମୁଖ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ । ଗୁରୁବାର ଶିବିର ଉଦ୍‌ଯାପିତ ହେବ।

### ସୁତୁମୁସରରେ ଗୋ-ବନ୍ଧ୍ୟା ନିରାକରଣ ଶିବିର

ବେଲଗୁଣ୍ଠା,୭।୬-ଗଞ୍ଜାମ ଜିଲା ପ୍ରାଣୀ ସମ୍ପଦ ବିକାଶ ବିଭାଗ ସୌଜନ୍ୟରୁ ବେଲଗୁଣ୍ଠା ବ୍ଲକ ସୁତୁମୁସର ଗ୍ରାମରେ ଏକ ଗୋ-ବନ୍ଧ୍ୟା ନିରାକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଭଞ୍ଜନଗର ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରଦୀପ୍ତ କୁମାର ସାହୁଙ୍କ ନେତୃତ୍ୱରେ ବେଲଗୁଣ୍ଠା ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା ଅଧିକାରୀ ଡାକ୍ତର ରାକେଶ କୁମାର ପତି, ଗାଙ୍ଗପୁର ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଅବିନାଶ ସାହୁଙ୍କ ସମେତ ଟିକରପଡ଼ା ଏବଂ ନୂଆଁଗାଁର ପ୍ରାଣୀଧନ ନୀରିକ୍ଷକ ମାନେ ଉପସ୍ଥିତ ଥିଲେ। ଏହି ଶିବିରରେ ୭୫ ଟି ଗାଈଙ୍କ ଚିକିତ୍ସା କରାଯାଇଥିଲା।

# ବିହନ ଧାନରେ ଅଗାଡ଼ି, ଚାଷୀ ହତାଶ

ବୁଗୁଡ଼ା,୭।୬(ଡି.ଏନ.ଏ.)

ଅଖି ମୁଠି ଅନୁକୂଳ ସରିଛି। ଆଗକୁ ବର୍ଷା ହେଲେ ବିଲରେ ହଳ ବୁଲିବା ସହ ପଡିବ ଧାନତଳି। ଚାଷୀଙ୍କୁ ଉନ୍ନତ କିସମର ବିହନ ଯୋଗାଇ ଦେବା ପାଇଁ ରାଜ୍ୟ ସରକାରଙ୍କ ବିହନ ନିଗମ ପକ୍ଷରୁ ବୁଗୁଡ଼ା ବ୍ଲକର ସମୁଦାୟ ୧୪ ସମବାୟ ସମିତି ମାଧମରେ ପ୍ରାୟ ୧୫ ଶହ କୁଇଣ୍ଟାଲ ଧାନ ବିହନ ଆସିଛି। ଚାଷୀମାନେ ବିଭିନ୍ନ କିସମର ବିହନ କିଣିବା ମଧ ଆରମ୍ଭ କଲେଣି। ତେବେ ବିହନ କିଣିଲା ପରେ ପ୍ୟାକେଟ ଖୋଲି ଦେଖିଲା ବେଳକୁ ସେଥିରୁ ଗମ, ଅଗାଡି ଓ ନାନା ପ୍ରକାର ମିଶାମିଶି ଧାନ ବିହନ ବାହାରୁଥିବାରୁ ଚାଷୀଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି। ଧାନ ବୁଣିବା ବେଳ ପାଖେଇ ଆସୁଥିବା ବେଳେ କେତେବେଳେ ଧାନ ପ୍ୟାକେଟ ଖୋଲି ଅଗାଡ଼ି ଓ ଗମ ଧାନ ବାଛିବେ ସେ ନେଇ ଚିନ୍ତାରେ ପଡିଛନ୍ତି ଚାଷୀ। ଓଡିଶା ବିହନ ନିଗମ ତରଫରୁ ଆସୁଥିବା ବିହନକୁ ପ୍ରୋସେସିଂ କରାଯାଉଥିବା ଏବଂ ସେଥିରେ ୯୮ ପ୍ରତିଶତ ଶୁଦ୍ଧତା ରହୁଥିବା କୁହାଯାଉଛି। ବିହନ ଧାନ କୋଡିଏ କିଲୋର ପ୍ୟାକେଟକୁ ୭୩୦ ଟଙ୍କାରେ ବିକ୍ରୟ କରାଯାଉଥିବା ବେଳେ ସେଥିରୁ ଖରାପ ବିହନ ବାହାରୁ ଥିବାରୁ ଚାଷୀ ପ୍ରତିକ୍ରିୟା ପ୍ରକାଶ ପାଇଛି।


ମିଶା ଧାନ



ବିହନ ବସ୍ତା।

# ଭଞ୍ଜନଗର ପ୍ରତିଯୋଗୀଙ୍କୁ ପଦକ

ଭଞ୍ଜନଗର,୭।୬(ଡି.ଏନ.ଏ)

**ଦିଲ୍ଲୀରେ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା**

କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ଅବସରପ୍ରାପ୍ତ କର୍ମଚାରୀ ରଙ୍କନିଧି ସାହୁଙ୍କ ପୁଅ ଚନ୍ଦନ କୁମାର ସାହୁ ଦିଲ୍ଲୀରେ ଅନୁଷ୍ଠିତ ନରେଶ ସୁରିଆ କ୍ଲାସିକ୍ ଜାତୀୟ ବଡ଼ି ବିଲ୍ଡିଂ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଅଧିକାର କରି ପଦକ ହାସଲ କରିଛନ୍ତି। ଭଞ୍ଜନଗର ତେଲିସାହିର ରଙ୍କନିଧି ମଧ ଜଣେ ବଡ଼ି ବିଲ୍ଡର ଥିଲେ। ବାପାଙ୍କ ପରେ ପୁଅ ଚନ୍ଦନ ରାଜ୍ୟ ଓ ଜାତୀୟସ୍ତର ପ୍ରତିଯୋଗିତାରେ ଭାଗ ନେଇ ବିଜୟୀ ହେବା ଅଞ୍ଚଳ ପାଇଁ ଗୌରବର ବିଷୟ। ଆଗାମୀ ଦିନରେ ସେ ଆନ୍ତର୍ଜାତିକ ପ୍ରତିଯୋଗିତାରେ ଭାଗ ନେବାକୁ


ପଦକ ସହ ଚନ୍ଦନ ।

ଲକ୍ଷ୍ୟ ରଖିଛନ୍ତି । ନୂଆଦିଲ୍ଲୀ ଶାହା ଅଡ଼ିଟୋରିୟରରେ ଗତ ୪ ତାରିଖରେ ନରେଶ ସୁରିଆ କ୍ଲାସିକ୍ ଅନୁଷ୍ଠାନ ପକ୍ଷରୁ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ହୋଇଥିଲା। ଏଥିରେ ଦେଶର ବିଭିନ୍ନ ଅଞ୍ଚଳରୁ ଅନେକ ପ୍ରତିଯୋଗୀ ଭାଗ ନେଇଥିଲେ। ଓଡ଼ିଶାରୁ କୋଚ୍ କିଶୋର କୁମାରଙ୍କ ନେତୃତ୍ୱରେ ଚନ୍ଦନ ଉକ୍ତ ପ୍ରତିଯୋଗିତାରେ ୧୭୦ ସେମି ବର୍ଗରେ ଭାଗ ନେଇଥିଲେ। ପଦକ ହାସଲ ପରେ ସେ ବୁଧବାର ସନ୍ଧ୍ୟାରେ ଦିଲ୍ଲୀରୁ ଓଡିଶା ଅଭିମୁଖେ ବାହାରିଛନ୍ତି। ଭଞ୍ଜନଗରରେ ପହଞ୍ଚିବା ପରେ ତାଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯିବା କାର୍ଯ୍ୟକ୍ରମ ରହିଛି। ।

# ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ବଦଳି ଦାବି

ଦିଗପହଣ୍ଡି,୭।୬(ଡି.ଏନ.ଏ.)

**ଜିଲାପାଳଙ୍କୁ ସ୍ମାରକପତ୍ର**

ଦିଗପହଣ୍ଡି ବ୍ଲକ ଆଙ୍କୋରଡ଼ା ଗ୍ରାମରେ ଥିବା ସରକାରୀ ଉପସ୍ୱାସ୍ଥ୍ୟକେନ୍ଦ୍ରର ମହିଳା ସ୍ୱାସ୍ଥ୍ୟକର୍ମୀ ରଜନୀ ରାଣୀ ବେହେରାଙ୍କୁ ବଦଳି ପାଇଁ ବହୁସଂଖ୍ୟକ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଗ୍ରାମବାସୀ ଗଞ୍ଜାମ ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମେତ ସ୍ଥାନୀୟ ବିଧାୟକ ଡ.ସୂର୍ଯ୍ୟନାରାୟଣ ପାତ୍ରଙ୍କୁ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେ ଦୀର୍ଘ ୧୭ ବର୍ଷରୁ ଉର୍ଦ୍ଧ୍ୱ ହେଲା ଏଠାରେ କାର୍ଯ୍ୟ କରି ଆସୁଛନ୍ତି। ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ବ୍ୟବହାରରେ ଗ୍ରାମବାସୀ ଅତିଷ୍ଠ ହୋଇପଡିଛନ୍ତି। ତାଙ୍କୁ କିଛିଦିନ ପୂର୍ବେ ଫାଶୀଗୁଡ଼ା ଗ୍ରାମ ସ୍ଥିତ ସରକାରୀ ଉପ ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି କରାଯାଇଥିଲା ମଧ ପୁଣି ବଦଳି ଆଦେଶକୁ ବାତିଲ କରାଯାଇଥିବାରୁ ଗ୍ରାମବାସୀ କ୍ଷୁବ୍ଧ ହୋଇଥିବା ଜଣାପଡିଛି। ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ତୁରନ୍ତ ବଦଳି କରିବାକୁ ସଞ୍ଜୟ ପ୍ରଧାନ, ଦିଲ୍ଲୀପ କୁମାର ପ୍ରଧାନ, ଟୁଲୁ ପ୍ରଧାନ, ଏଲ.ରଘୁନାଥ ଦାସ, ତବତିଆ ପ୍ରଧାନ,ଏସ୍. କଂସ ଦୋରା, କେଦାର ସାହୁଙ୍କ ସମେତ ବହୁସଂଖ୍ୟକ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଦିଗପହଣ୍ଡି ବ୍ଲକ ବମୋକେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ସୁଚିସ୍ମିତା ଚୌଧୁରୀଙ୍କୁ ପଚାରିବାରେ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ବଦଳି ହୋଇଥିଲା। ପୁଣି ବଦଳି ଆଦେଶ ବାତିଲ କରାଯାଇଥିବା ଶୁଣିବାକୁ ପାଇଛି। ଅମଲା ମାନଙ୍କ ଆନ୍ଦୋଳନ ଚାଲିଥିବାରୁ ସେ ସମ୍ପର୍କରେ ସବିଶେଷ ତଥ୍ୟ ତାଙ୍କ ନିକଟରେ ନଥିବା ଉଲ୍ଲେଖ କରିଛନ୍ତି। ଏଥିସହ ସରକାରୀ ଭାବେ କୌଣସି ଚିଠି ସେ ପାଇ ନଥିବା କହିଛନ୍ତି। ଶ୍ରେଷ୍ଠ ଗାଁ କଲ୍ୟାଣ ସମିତି ପୁରସ୍କାର ପାଇଁ ମନୋନୟନକୁ ନେଇ କିଛି ବ୍ୟକ୍ତି ପ୍ରତିବାଦ କରିବା ସହ ତାଙ୍କ ଉପରେ ଅସନ୍ତୁଷ୍ଟ ହୋଇ ତାଙ୍କ ବଦଳି ପାଇଁ ମସୁଧା କରୁଥିବା ଉଲ୍ଲେଖ କରିଛନ୍ତି।

# ଖମ୍ବେଶ୍ୱରୀଙ୍କ ପୀଠରେ ହୁଣ୍ଡି ସ୍ଥାପନ

ଆସିକା,୭।୬(ଡି.ଏନ.ଏ)

ଆସିକାର ଆରାଧ୍ୟା ଦେବୀ ମା' ଖମ୍ବେଶ୍ୱରୀଙ୍କ ପୀଠରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଆସିକା ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ବୁଧବାର ଏକ ଦାନହୁଣ୍ଡି ସ୍ଥାପନ କରାଯାଇଛି । ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହି ହୁଣ୍ଡିକୁ ଷ୍ଟେଟ ବ୍ୟାଙ୍କର ଡେପୁଟି ଜେନେରାଲ ମ୍ୟାନେଜର ସଞ୍ଜୀବ କୁମାର ଚୋବେ, ଆଞ୍ଚଳିକ କାର୍ଯ୍ୟାଳୟ ଅଧିକାରୀ ଜ୍ୟୋତ୍ସ୍ନାରାଣୀ ବେହେରା, ଆସିକା ମୁଖ୍ୟ ଶାଖା ପରିଚାଳକ ସୀତାକାନ୍ତ ମହାପାତ୍ର ପ୍ରମୁଖଙ୍କ ଉପସ୍ଥିତିରେ ସ୍ଥାପନ କରାଯାଇଛି। ମନ୍ଦିର ପରିଚାଳନା କମିଟିର ସଭାପତି ସତ୍ୟନାରାୟଣ ସ୍ୱାଇଁ, ଯାତ୍ରା କମିଟି ସଭାପତି ନିମାଇ ଚରଣ ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ରହିବା ସହ ଷ୍ଟେଟ ବ୍ୟାଙ୍କର ଏଭଳି କାର୍ଯ୍ୟର ପ୍ରଶଂସା କରିଥିଲେ।

# ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପ୍ରତାରିତା ମହିଳା

ଫୁଲବାଣୀ ଅଫିସ, ୭।୬

କନ୍ଧମାଳ ଜିଲା ଦାରିଙ୍ଗିବାଡି ଥାନା ଅଞ୍ଚଳର ଜଣେ ବିବାହିତା ମହିଳା ତାଙ୍କ ସ୍ୱାମୀ ଏବଂ ଅନ୍ୟ ଜଣେ ପୁରୁଷ ଦ୍ୱାରା ପ୍ରତାରିତ ହୋଇଛନ୍ତି । ଏ ନେଇ ସେ ଦାରିଙ୍ଗିବାଡି ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା ରୁଜୁ କରି ଚୁପ୍ ବସିଥିବାରୁ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବୁଧବାର ସମ୍ପୃକ୍ତ ମହିଳା ଆସି ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଦାରିଙ୍ଗିବାଡି ଥାନା ସୁନ୍ଦରଦଣ୍ଡ ଗ୍ରାମର ମହିଳା ଜଣକ କ.ନୂଆଗାଁ ଥାନା ଗୁମାପଦର ଗ୍ରାମରେ ବିବାହ କରିଥିଲେ। ଉଭୟଙ୍କର ଦୁଇଟି ସନ୍ତାନ ହେବା ଯାଏ ସବୁ ଠିକ୍ ଠାକ ଚାଲିଥିଲା । ଏହାପରେ ଦାରିଙ୍ଗିବାଡି ଥାନା ମୂକଚେରି ଗ୍ରାମର ଅନ୍ୟ ଜଣେ ଯୁବକ ତାଙ୍କୁ ଭଲ ପାଉଛନ୍ତି, ବିବାହ କରିବି କହି ହଇରାଣ ହରହରକତ କରୁଥିଲେ । କିଛି ଦିନ ପରେ ସମ୍ପୃକ୍ତ ମହିଳାଙ୍କ ଅନିଚ୍ଛା ସ୍ୱତେ ତାଙ୍କ ସହ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ଏ କଥା ଜାଣିବା ପରେ ମହିଳାଙ୍କ ସ୍ୱାମୀ ଗୋଟିଏ ପୁଅକୁ ନିଜ ପାଖରେ ରଖି ସାନ ପୁଅ ସହ ସ୍ତ୍ରୀଙ୍କୁ ତାଙ୍କ ଘରକୁ ପଠାଇ ଦେଇଥିଲେ । ଅନ୍ୟ ଯୁବକ ଜଣକ ବିବାହ ପ୍ରତିଶ୍ରୁତି ଦେଇ ମହିଳା ଏବଂ ତାଙ୍କ ପୁଅକୁ ନେଇ କେରଳ ଚାଲି ଯାଇଥିଲେ। ସେଠାରେ ଉଭୟ ମିଶି ରହୁଥିଲେ। କିନ୍ତୁ ବିବାହ ପାଇଁ କହିବାରୁ ମହିଳାଙ୍କୁ ସେ ଧମକ ଚମକ ଦେଇ ଆସୁଥିଲେ। କିଛି ଦିନ ତଳେ ଉଭୟ ଘରକୁ ଫେରିଥିଲେ। ବାଟରେ ଯୁବକ ନିଜ ଘରକୁ ଯିବାକୁ କହି ମହିଳାଙ୍କୁ ଛାଡି ଚାଲି ଯାଇଥିଲେ। ମହିଳା ଜଣକ ଉକ୍ତ ଯୁବକଙ୍କ ଘରକୁ ଯିବାରୁ ସେମାନେ ମଧ ତାଙ୍କୁ ଗ୍ରହଣ କରିନଥିଲେ। ତେବେ ବିବାହ ପ୍ରଲୋଭନ ଦେଖାଇ ଯୁବକ ଜଣକ ମହିଳାଙ୍କଠାରୁ ୩ ଲକ୍ଷ ୪ ହଜାର ଟଙ୍କା ନେଇଛନ୍ତି । ହେଲେ ବିବାହ କରୁ ନାହାନ୍ତି । ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏସ୍‌ପିଙ୍କୁ ଜଣାଇଛି । ଘଟଣାର ତଦନ୍ତ କରାଯିବ ବୋଲି ଏସ୍‌ପିଙ୍କ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି ବୋଲି ମହିଳା କହିଛନ୍ତି।

# ଶିକ୍ଷକ ବିକାଶ ମଞ୍ଚର ବୈଠକ

ପୋଲସରା,୭।୬

ପୋଲସରା ଏନ୍‌ଏସି କାର୍ଯ୍ୟାଳୟ ପରିସରରେ ଥିବା କନଫରେନ୍ସ ହଲରେ ବୁଧବାର ଓଡ଼ିଶା ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ପକ୍ଷରୁ ସଙ୍ଗଠନର ସଭାପତି ରାଧାଶ୍ୟାମ ପଣ୍ଡାଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ସୁଦର୍ଶନ ପାଢ଼ୀ ଏବଂ ବାହାନଗାଠାରେ ଟ୍ରେନ୍ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ଅମର ଆତ୍ମାର ସଦ୍‌ଗତି ନେଇ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସେବା ନିବୃତ୍ତ କର୍ମଚାରୀ ମାନଙ୍କ ରହିଥିବା ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପୋଲସରା ଏନ୍‌ଏସିର ପୂର୍ବତନ ନଗରପାଳ ପ୍ରଫୁଲ୍ଲ କୁମାର ପ୍ରଧାନ, ଉପନଗରପାଳ ସନ୍ତୋଷ କୁମାର ବେହେରା, ଶିକ୍ଷାବିତ ମୁରଲୀଧର ନନ୍ଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅବସର ଗ୍ରହଣ କରିଥିବା ପୋଲସରା ବିଜ୍ଞାନ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନର ଡେମୋନଷ୍ଟ୍ରେଟର ଅଶ୍ୱିନୀ କୁମାର ପାତ୍ର ଓ ଅବସରପ୍ରାପ୍ତ ଫାର୍ମାସିଷ୍ଟ ପ୍ରଦୀପ କୁମାର ପାତ୍ରଙ୍କୁ ବିଧାୟକ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ସିଙ୍ଗାପୁରରୁ ଫେରିଥିବା କୁମୁଦିନୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା


ମିଶନ ଶକ୍ତି ଜିଲା ସଭାନେତ୍ରୀ କୁମୁଦିନୀ ଦିଗାଲଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ଜି.ଉଦୟଗିରି,୭।୬(ଡି.ଏନ.ଏ.)

ମିଶନ ଶକ୍ତି ବିଭାଗ ତରଫରୁ କନ୍ଧମାଳ ଜିଲାରୁ ସିଙ୍ଗାପୁର ଗସ୍ତ ସାରି ଫେରିଥିବା କନ୍ଧମାଳ ଜିଲା ମିଶନ ଶକ୍ତି ତଥା ସ୍ୱୟଂ ସହାୟକ ଗୋଷ୍ଠୀର ଜିଲା ମହାସଂଘର ସଭାନେତ୍ରୀ ଜି.ଉଦୟଗିରି ବ୍ଲକ ବାସିନ୍ଦା କୁମୁଦିନୀ ଦିଗାଲଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ବୁଧବାର ସ୍ଥାନୀୟ ବ୍ଲକ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି। କୁମୁଦିନି ଜିଲାର ଅଗ୍ରଣୀ ନେତ୍ରୀ ଭବେ ମିଶନ ଶକ୍ତି ବିଭାଗ ତରଫରୁ ଦ୍ୱିତୀୟ ପର୍ଯ୍ୟାୟରେ ଗତ ୩ ତାରିଖରେ ସିଙ୍ଗାପୁର ଯାତ୍ରା କରି ଫେରିଛନ୍ତି। ବ୍ଲକ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଆଶିଷ କୁମାର ସେଠୀ, ସିଡିପିଓ କଳ୍ପନା ଶତପଥି, ବିପିଏମ୍ ଅକ୍ଷୟ ପ୍ରଧାନ, ବିପିସି ଶିଶିର କାନ୍ତ ଦିଗାଲ, ମିଶନ ଶକ୍ତି ବିପିସି କବିତା ଗମାଙ୍ଗ, ମିଶନ ଶକ୍ତିର କ୍ଷେତ୍ର କର୍ମୀ ଓ ସ୍ଥାନୀୟ ବ୍ଲକ ମହାସଂଘ କର୍ମକର୍ତ୍ତା କୁମୁଦିନୀ ଦିଗାଲଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସିଙ୍ଗାପୁର ଗସ୍ତ ପାଇଁ ତାଙ୍କୁ ମନୋନୀତ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ସଚିବ ଭି କେ ପାଣ୍ଡିଆନ, ମିଶନ ଶକ୍ତି ବିଭାଗ ରାଜ୍ୟ ମୁଖ୍ୟ ସୁଜାତା କାର୍ତ୍ତିକେୟନଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଜିଲା ମିଶନ ଶକ୍ତି ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

# କୋଟଗଡ଼-ମୁନିଗୁଡ଼ା ରାସ୍ତା ମରଣଯନ୍ତା

କୋଟଗଡ,୭।୬(ଡି.ଏନ.ଏ.)

କୋଟଗଡ଼ରୁ ମୁନିଗୁଡାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଏବେ ମରଣଯନ୍ତା ପାଲଟିଛି। କନ୍ଧମାଳ ଓ ରାୟଗଡ଼ା ଜିଲାକୁ ସଂଯୋଗ କରୁଥିବା ଏହି ରାସ୍ତାରେ ଖାଲଖମା ହେବାସହ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ଗମନାଗମନରେ ବାଧା ଉପୁଜୁଛି। କୋଟଗଡ଼ରୁ ମୁନିଗୁଡାର ଦୂରତା ପାଖାପାଖି ୪୨ କିଲୋମିଟର। କିନ୍ତୁ ଏହି ରାସ୍ତା ଦେଇ ଯାତ୍ରୀମାନେ ଯିବା ଆସିବା ଲାଗି ନିଜକୁ ସୁରକ୍ଷିତ ମଣୁନାହାନ୍ତି। ରାସ୍ତାରେ ବଡ଼ ବଡ଼ ଖାଲ ହେବା ସହ ପିଚୁ ଉଠିଯାଇଛି। ଫଳରେ ଯାତ୍ରୀବାହୀ ଅଟୋ ଓ ବସ୍ ପ୍ରତିଦିନ ଛୋଟମୋଟ ଦୁର୍ଘଟଣାର ଶିକାର ହେଉଛନ୍ତି ବୋଲି ଅଞ୍ଚଳର ବିଭୀଷଣ ପ୍ରଧାନ, ଦେବେନ୍ଦ୍ର ପୂଜାରୀ ଓ କପିଳାସ


ଖାଲଖମା ରାସ୍ତା।

ପାତ୍ର ଅଭିଯୋଗ କରିଛନ୍ତି। କୋଟଗଡ଼ ବ୍ଲକର ଧରାକୋଟ, ଦୁର୍ଗାପାଙ୍ଗା ଓ ଜୁଡ଼ାବାଲି ଆଦି ଗ୍ରାମ ପଞ୍ଚାୟତର ଲୋକେ ଦୈନନ୍ଦିନ ଏହି ରାସ୍ତା ଦେଇ ଯିବା ଆସିବା କରିଥାନ୍ତି। ହେଲେ ଦୀର୍ଘ ଦିନ ଧରି ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ରାସ୍ତା ପୂରାପୂରି ଶୋଚନୀୟ ହୋଇ ପଡିଛି। ଆଗାମୀ ଦିନରେ ଏହି ରାସ୍ତା ମରାମତି ନ କଲେ ଅଞ୍ଚଳବାସୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ ଶୁଭାରମ୍ଭ

ପାରଳାଖେମୁଣ୍ଡି,୭।୬(ଡି.ଏନ୍.ଏ.)

ଶିଶୁ ଶ୍ରମିକ ନିରାକରଣ ନେଇ ଏକ ସଚେତନତା ରଥ ବୁଧବାର ଜିଲାରେ ଶୁଭାରମ୍ଭ ହୋଇଯାଇଛି। ଜିଲା ସଦରମହକୁମା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ଲିଙ୍ଗରାଜ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ରଥର ଶୁଭାରମ୍ଭ କରିଥିଲେ। ଏହି ସଚେତନତା ରଥ ଜିଲାର ପାରଳାଖେମୁଣ୍ଡି ପୌରାଞ୍ଚଳ, ବିଜ୍ଞାପିତ ଅଞ୍ଚଳ ପରିଷଦ, କାଶୀନଗର ସମେତ ଜିଲାର ସମସ୍ତ ବ୍ଲକ ଓ ଗ୍ରାମ ପଞ୍ଚାୟତ ସ୍ତରରେ ପରିକ୍ରମା କରି ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରିବା ସହିତ ଜନସାଧାରଣଙ୍କ ପାଖରେ ବାର୍ତ୍ତା ପହଞ୍ଚାଇ ପାରିବ। ୧୪ ବର୍ଷରୁ କମ ବୟସର ଶିଶୁଙ୍କୁ କୌଣସି କାମରେ ନିୟୋଜିତ କରିବା ଦଣ୍ଡନୀୟ ଅପରାଧ।



ଶିଶୁ ଶ୍ରମିକ ନିରାକରଣ ପାଇଁ ସଚେତନତା ରଥକୁ ଶୁଭାରମ୍ଭ କରାଯାଉଛି।

୧୫ରୁ ୧୮ ବର୍ଷ ମଧ୍ୟରେ କିଶୋରଙ୍କୁ ବିପଦସଙ୍କୁଳ କାମରେ(ବୃତ୍ତି ଓ ପ୍ରକ୍ରିୟା) ନିୟୋଜନକୁ ବାରଣ କରାଯାଇଛି। ଏପରି କାମ କରାଉଥିବା ବ୍ୟକ୍ତିଙ୍କୁ ୫୦ ହଜାର ଟଙ୍କା ଯାଏ ଜରିମାନା ଦେବାକୁ ପଡିବ। ଶିଶୁଙ୍କୁ କୌଣସି କାର୍ଯ୍ୟରେ ଓ କିଶୋରଙ୍କୁ ବୃତ୍ତିଗତ ପ୍ରକ୍ରିୟାରେ ନିୟୋଜିତ କରୁଥିଲେ, ୨ ବର୍ଷ ଯାଏ କାରାଦଣ୍ଡରେ ଦଣ୍ଡିତ କରାଯିବାର ବ୍ୟବସ୍ଥା ରହିଛି, ଏପରିକି ଉଭୟ ଜେଲଦଣ୍ଡ ହୋଇପାରେ ବୋଲି କୁହାଯାଇଛି।

ଏହି କାର୍ଯ୍ୟକ୍ରମରେ ଯୁଗ୍ମ ଶ୍ରମ ଆୟୁକ୍ତ ଗଜପତି ତଥା ଜିଲା ଶ୍ରମ ଅଧିକାରୀ ଲୋକନାଥ ପଣ୍ଡା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ବିକାଶ କୁମାର ମେହେର ସମେତ ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ ଓ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ରୋଜଗାର ବୟସରେ ଗୋଡ଼ରେ ବେଡ଼ି

ଭଞ୍ଜନଗର,୭।୬(ଡି.ଏନ.ଏ.)

**ମାନସିକ ରୋଗୀଙ୍କ ଚିକିତ୍ସାରେ ଅର୍ଥ ଅଭାବ**

ଭଞ୍ଜନଗର ବ୍ଲକ ଅନ୍ତର୍ଗତ ବାଉଁଶଲୁଣ୍ଡିର ଗୋବିନ୍ଦ ସାହୁଙ୍କ ଗୋଡ଼ରେ ପ୍ରାୟ ୮ ବର୍ଷ ହେବ ଲୁହାର ଶିକୁଳୀ ବେଡି ପଡିଛି। ମାନସିକ ରୋଗରେ ପୀଡ଼ିତ ପୁଅ ପାଗଳ ଭଳି ହେଉଥିବାରୁ ମା' ଛବି ବାଧ ହୋଇ ବେଡି ପକାଇଛନ୍ତି। ମା' ପୁଅ ଆର୍ଥିକ ଅନଟନ ମଧରେ ଚଳୁଥିବା ବେଳେ ସ୍ୱାମୀ ପଚାରୁନାହିଁ। ପୁଅର ଚିକିତ୍ସା ପାଇଁ ପାଖରେ ଟଙ୍କା ନାହିଁ। ଚିକିତ୍ସା ପାଇଁ ସରକାର ସହାୟତା ଯୋଗାଇ ଦେବାକୁ ଛବି ନିବେଦନ କରିଛନ୍ତି।

ଗୋବିନ୍ଦ ୫ମ ଶ୍ରେଣୀରେ ପଢୁଥିବା ବେଳେ ମା', ବାପାଙ୍କ ମଧରେ କୌଣସି କାରଣକୁ ନେଇ ମନାନ୍ତର ହୋଇଥିଲା। ଛବି ସୋରଡ଼ା ସ୍ଥିତ ଶାଶୁଘରୁ ବାପଘର ଗାଁ ବାଉଁଶଲୁଣ୍ଡିକୁ ପୁଅକୁ ଧରି ଚାଲି ଆସି ପ୍ରଧାନ କଲୋନୀରେ ଘରଭଡା ନେଇ ରହିଥିଲେ। ୮ ବର୍ଷ ପୂର୍ବେ ମା' ପୁଅ ଚାଲିକି


ଗୋବିନ୍ଦ ଏବଂ ତାଙ୍କ ମା।

ଆସିବା ବେଳେ ହଠାତ୍ ଗୋବିନ୍ଦଙ୍କ ପାଟିରୁ ନାଳ ବାହାରିଥିଲା। ଏହାପରେ ସେ ପାଗଳ ଭଳି ଆଚରଣ ଦେଖାଇଥିଲେ। ଛବି ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ନେଇଥିଲେ। ଔଷଧ ଖାଇବା ପରେ କିଛି ସମୟ ଗୋବିନ୍ଦ ଭଲ ହୋଇଯାଉଥିଲେ। କିନ୍ତୁ ବାରମ୍ବାର ତାଙ୍କୁ ମେଡିକାଲ ନେବା ଛବିଙ୍କ ପକ୍ଷେ ସମ୍ଭବ ନ ହେବାରୁ ଛବି ପୁଅର ଚିକିତ୍ସା କମାଇ ଦେଇଥିଲେ। ଏହାପରେ ପୁଣି ତାଙ୍କର ପୁରୁଣା ରୋଗ ବାହାରିଥିଲା। ଗୋବିନ୍ଦ ଭଲ ପାଠ ପଢୁଥିଲେ, କିନ୍ତୁ ହଠାତ କୌଣସି କାରଣରୁ ମାନସିକ ଓ ଶାରୀରିକ ବିକାର ଦେଖାଦେବାରୁ ପାଠରେ ଡୋରି ବନ୍ଧା ହୋଇଗଲା । ପିଲାବେଳୁ ବାପା କୁଆଡେ ଚାଲି ଯାଇଛନ୍ତି। ମା' ଶିକୁଳୀ ବାନ୍ଧି ରଖିଛନ୍ତି। ସେ ପର ଘରେ କାମ କରି କିଛି ପଇସା ପାଇଲେ ସେଥିରେ ଓଳିଏ ଖାଇଲେ ଓଳିଏ ଭୋକରେ ଶୋଉଛନ୍ତି।ଏପରି ସ୍ଥିତିରେ ଗୋବିନ୍ଦଙ୍କ ଚିକିତ୍ସା ହୋଇପାରିନି । କୌଣସି ସରକାରୀ କିମ୍ବା ବେସରକାରୀ ସଂସ୍ଥା ସାହାଯ୍ୟ କରିବାକୁ ଛବି ନିବେଦନ କରିଛନ୍ତି। ଡାକ୍ତରଙ୍କ କହିବା ଅନୁସାରେ ଗୋବିନ୍ଦଙ୍କର ଯଦି ଉପଯୁକ୍ତ ଚିକିତ୍ସା ହେବ ତା ହେଲେ ସେ ଠିକ ହୋଇଯିବେ। ଗୋବିନ୍ଦ ପ୍ରଧାନ କଲୋନୀର ଏକ ପରିତ୍ୟକ୍ତ ଘରେ ରୁହନ୍ତି । ତାଙ୍କୁ ସାହାଯ୍ୟ କରିବାକୁ ସାହି ପଡୋଶୀ ଓ ତାଙ୍କ ମା ନିବେଦନ କରିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୮ ଜୁନ୍, ୨୦୨୩



## ସଂକ୍ଷେପରେ

### ୯ରେ ରାଜନଗର ଆସିବେ ଭୁବନେଶ୍ୱର ଏମ୍‌ପି

ରାଜନଗର,୭ା୬(ଡି.ଏନ୍.ଏ.): ଆସନ୍ତା ୯ ତାରିଖ ଦିନ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ରାଜନଗର ଆସିବାର କାର୍ଯ୍ୟକ୍ରମ ରହିଛି । ସେ ଗୋପବନ୍ଧୁ ଜନସେବା ସଂଘର ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେବେ । ବୁଧବାର ସାନବଡଗୋପାଳପୁରସ୍ଥିତ ଗୋପବନ୍ଧୁ ଜନସେବା ସଂଘ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀ ଏହି ସୂଚନା ମିଳିଛି । ଟିମ୍ ଅପରାଜିତା ପକ୍ଷରୁ ଜୀବନ ସାହୁ, ମନ୍ମଥ ମଲ୍ଲିକ, ନିକୁଞ୍ଜ ପଟ୍ଟନାୟକ, ଗୋପବନ୍ଧୁ ଜନସେବା ସଂଘର ସଭାପତି ନାରାୟଣ ପାଣି, ଦିଲ୍ଲୀପ ପାଳ, ସଦାଶିବ ଜେନା ପ୍ରମୁଖ ଯୋଗଦେଇ ୯ ତାରିଖ ପୂର୍ବାହ୍ନ ୯ଟାରେ ଏମ୍‌ପି ଷଡଙ୍ଗୀ କେନ୍ଦ୍ରାପଡାରେ ପହଞ୍ଚିବେ । ତ୍ରିନାଥବଜାରଠାରୁ ପଦଯାତ୍ରାରେ ବାହାରି ଏମ୍‌ପି ରାଜନଗର ବଜାର, ଗାଁ ପରିକ୍ରମା କରି ସଭାସ୍ଥଳ ହାଇସ୍କୁଲ ପଡିଆରେ ପହଞ୍ଚିବେ । ଏଥିରେ ଏମ୍‌ପିଙ୍କ ସହିତ ବରିଷ୍ଠ ଖବରଦାତା ଅରୁଣ ପଣ୍ଡା, ଡାକ୍ତର ଅଭୟ ପାତ୍ର ଅତିଥି ଭାବେ ଯୋଗଦେବେ ବୋଲି ସୂଚନା ମିଳିଛି ।

### ମତ୍ସ୍ୟଜୀବୀଙ୍କ ସହାୟତା ରାଶି ଆତ୍ମସାତ୍ ଅଭିଯୋଗ

କେନ୍ଦ୍ରାପଡା ଅଫିସ, ୭ା୬: ପ୍ରାକୃତିକ ବିପର୍ଯ୍ୟୟ ସମୟରେ କେନ୍ଦ୍ରାପଡ଼ା ଜିଲାର ସାମୁଦ୍ରିକ ମତ୍ସ୍ୟଜୀବୀ ନିଜର ଜାଲଠାରୁ ଡଙ୍ଗା ପର୍ଯ୍ୟନ୍ତ ହରାଇଥାନ୍ତି । ଏହି ସାମଗ୍ରୀ ପାଇଁ ବୃତ୍ତି ନଷ୍ଟ ସହ ପରିବାର ଆର୍ଥିକ ସ୍ଥିତି ନଷ୍ଟ ହୋଇଯାଏ । ଏହାର ଭରଣା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ମତ୍ସ୍ୟଜୀବୀଙ୍କ ପାଇଁ ସହାୟତା ରାଶି ଆସିଥାଏ । ତେବେ ଏହି ଅନୁଦାନ ରାଶି ପ୍ରଶାସନିକସ୍ତରରେ ହଡପ ହେଉଛି । ଏପରି ଅଭିଯୋଗ ଆଣିଛନ୍ତି ଓଡ଼ିଶା ସୂଚନା ଅଧିକାର ଅଭିଯାନ (ଓସା)ର କେନ୍ଦ୍ରାପଡ଼ା ଜିଲା ଆବାହକ ତଥା ମାର୍ଶାଘାଇ ବ୍ଲକ ତାଳସଙ୍ଗା ଗ୍ରାମର ପ୍ରତାପ ମହାନ୍ତି । ଏ ସଂକ୍ରାନ୍ତରେ ସେ ରାଜ୍ୟ ସରକାରଙ୍କ ଜନଶୁଣାଣି ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ ପତ୍ର ମଙ୍ଗଳବାର ଦାଖଲ କରିଛନ୍ତି । ଏହି ଅଭିଯୋଗକୁ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଗ୍ରହଣ କରି ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏ ସମ୍ପର୍କରେ ଓସା ଆବାହକ ମହାନ୍ତି କହିଛନ୍ତି, ସୂଚନା ଅଧିକାର ଆଇନ ଅନୁଯାୟୀ ତଥ୍ୟ ମାଗିଥିଲି । ମିଳିଥିବା ତଥ୍ୟ ଅନୁଯାୟୀ ଜିଲାରେ ମୋଟ ୨୨୪୪ ସାମୁଦ୍ରିକ ମତ୍ସ୍ୟଜୀବୀ ଅଛନ୍ତି । ୨୦୧୭- ୧୮ ଆର୍ଥିକ ବର୍ଷଠାରୁ ଜିଲାକୁ ବିପର୍ଯ୍ୟୟ ସହାୟତା ରାଶି ଆସିଛି । ଏପରି କି ଗତ ଆର୍ଥିକ ବର୍ଷରେ ୧୦ କୋଟି ୧୫ ଲକ୍ଷ ଟଙ୍କା ମତ୍ସ୍ୟଜୀବଙ୍କୁ ସହାୟତା ରାଶି ବଣ୍ଟନ ହୋଇଥିବା ତଥ୍ୟପତ୍ରରେ ଉଲ୍ଲେଖ ଅଛି । ତେବେ ଏ ସମ୍ପର୍କରେ ମତ୍ସ୍ୟଜୀବୀଙ୍କ ସହିତ ଯୋଗାଯୋଗ ପରେ ଏହି ଅର୍ଥ ସେମାନଙ୍କ ନିକଟରେ ପହଞ୍ଚି ନ ଥିବା କହିଛନ୍ତି । ଏଥିପାଇଁ ତଦନ୍ତ ଆବଶ୍ୟକ ଥିବାରୁ ଅଭିଯୋଗ ପତ୍ର ପ୍ରଦାନ କରାଯାଇଥିବା ମହାନ୍ତି କହିଛନ୍ତି ।

### ଦୁର୍ଗାପୂଜା କମିଟି ପକ୍ଷରୁ ସମୂହ ଦୀପଦାନ

ରାଜକନିକା,୭ା୬(ଡି.ଏନ.ଏ): ବାହାନଗା ରେଳ ଦୁର୍ଘଟଣାରେ ମୃତ ଓ ଆହତଙ୍କ ପାଇଁ ରାଜକନିକା ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ସମୂହ ଦୀପଦାନ କରାଯାଇଛି । ଏଥିରେ ମୃତକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯିବା ସହିତ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଛି । କମିଟିର ସଭାପତି ପ୍ରଧାପକ ବୈକୁଣ୍ଠନାଥ ପରିଡା ଓ ସାଧାରଣ ସମ୍ପାଦକ କପିଳେନ୍ଦ୍ର ମଲିକଙ୍କ ନେତୃତ୍ୱରେ ମା' କନିକେଶ୍ୱରୀ ଦୁର୍ଗାଙ୍କ ପୀଠରେ ଏହି କାର୍ଯ୍ୟକ୍ରମ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା ।

# ନୈରାଶ୍ୟଜନକ ସ୍ଥିତିରେ କୃଷି ସେନ୍‌ସସ୍

- ୫୫୧ ରାଜସ୍ୱ ଗ୍ରାମରେ ସର୍ଭେ ହୋଇନାହିଁ
- ୬ ବ୍ଲକର ୧୨ ପରିଗଣନାକାରୀ କରିନାହାନ୍ତି ସର୍ଭେ
- ତଥ୍ୟକୁ ଅଣଦେଖା, ଯୋଜନା ଉପରେ ପ୍ରଶ୍ନବାଚୀ

କେନ୍ଦ୍ରାପଡ଼ା ଅଫିସ, ୭ା୬



ସମୀକ୍ଷା ବୈଠକରେ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ ।

କରୋନା କଟକଣା କାରଣରୁ ବନ୍ଦ ଥିବା ୧୧ତମ କୃଷି ସେନ୍‌ସସ୍ ୨୦୨୨ ଅଗଷ୍ଟ ମାସରେ ଆରମ୍ଭ ହେଲା । ୫ ବର୍ଷରେ ଥରେ ଅନୁଷ୍ଠିତ ହେଉଥିବା ଏହି ସେନ୍‌ସସ୍ ଦେଶର କୃଷି ଅର୍ଥନୀତି ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ । ଇତିମଧ୍ୟରେ ଆରମ୍ଭକୁ ୧୦ ମାସ ବିତିଥିଲେ ମଧ୍ୟ କେନ୍ଦ୍ରାପଡ଼ା ଜିଲାରେ ଏହାର କାର୍ଯ୍ୟକାରିତା ସ୍ଥିତି ନୈରାଶ୍ୟଜନକ ରହିଛି । ଜିଲାର ୧୫୯୧ ରାଜସ୍ୱ ଗ୍ରାମରେ ସର୍ଭେ ହେବାକୁ ଥିବା ବେଳେ ୫୫୧ ଗ୍ରାମରେ ପରିଗଣନାକାରୀ ଅଦ୍ୟାବଧି ପହଞ୍ଚି ନାହାନ୍ତି । ସେହିପରି ମୋଟ ୧୪୦ ଜଣ ପରିଗଣନାକାରୀଙ୍କ ମଧ୍ୟରୁ ୬ ବ୍ଲକ ଅଞ୍ଚଳରେ ୧୨ ଜଣ ଅଦ୍ୟାବଧି କାମ ଆରମ୍ଭ କରିନାହାନ୍ତି । ତଥ୍ୟ ସଂଗ୍ରହରେ ଏପରି ଅବହେଳା ଯୋଜନା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିବ ବୋଲି କୃଷକ ନେତା ଓ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି ।

ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସେନ୍‌ସସ୍ ଅଗ୍ରଗତି ସମ୍ପର୍କରେ ଏକ ସମୀକ୍ଷା ବୈଠକ ବୁଧବାର ଅନୁଷ୍ଠିତ ହୋଇଥିଲା । ଏଡିଏମ୍ ନିଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉପଜିଲାପାଳ ନିରଞ୍ଜନ ବେହେରା, କୃଷି ବିଭାଗ, ରାଜସ୍ୱ ବିଭାଗ ଓ ପରିସଂଖ୍ୟାନ ବିଭାଗର ପଦାଧିକାରୀମାନେ ଉପସ୍ଥିତ ଥିଲେ । ଆଲୋଚନାର ତଥ୍ୟ ଅନୁଯାୟୀ ପରିସଂଖ୍ୟାନ ବିଭାଗକୁ ୭୩୪ ଗ୍ରାମ, କୃଷି ବିଭାଗକୁ ୩୮୦ ଗ୍ରାମ ଓ ରାଜସ୍ୱ ବିଭାଗକୁ ୪୭୭ ଗ୍ରାମର ସର୍ଭେ ପାଇଁ ଦାୟିତ୍ୱ ବଣ୍ଟନ ହୋଇଥିଲା । ଏଥିପାଇଁ ଜିଲାର ୯ ତହସିଲ ଅଞ୍ଚଳରେ ମୋଟ ୧୪୦ ଜଣ କର୍ମଚାରୀ ନିୟୋଜିତ ହୋଇଛନ୍ତି । ତେବେ ଏମାନଙ୍କ ମଧ୍ୟରୁ ମାର୍ଶାଘାଇ ବ୍ଲକରେ ଗିତୁରଞ୍ଜନ ବେହେରା, ପ୍ରଫୁଲ୍ଲ କୁମାର ଦାସ, ପଟ୍ଟାମୁଣ୍ଡାଇ ବ୍ଲକ୍‌ରେ ରଣଜିତ ମୁର୍ମୁ, ବିଦୂର ନାୟକ, ଏଡିସନ ଏକ୍କା, ରାଜନଗର ବ୍ଲକର ପ୍ରଦ୍ୟୁମ୍ନ କେଶରୀ ବେହୁରା, ମହାକାଳପଡ଼ା ବ୍ଲକର ବାଜନାଥ ଟୁଡୁ, ତେଜକୁମାର କେରକେଟା, ଡେରାବିଶ ବ୍ଲକର ଶୁଭଶ୍ରୀ ମଲିକ, ବିଜୟ ଲକ୍ଷ୍ମୀ ସେଠୀ ଓ ଗରଦପୁର ବ୍ଲକର ଚିତ୍ତରଞ୍ଜନ ସାହୁ, ପ୍ରକାଶ ଚନ୍ଦ୍ର ସ୍ୱାଇଁ ଏହି ସେନ୍‌ସସ୍‌ରେ ଭାଗ ନେଇନାହାନ୍ତି । ସେହିପରି ଜିଲାର ମୋଟ ୧୯୯୧ ରାଜସ୍ୱ ଗ୍ରାମ ମଧ୍ୟରୁ ୧୦୪୦ଟିରେ ଏହି କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ୩୫୩ଟି ଗ୍ରାମରେ ସର୍ଭେ ହୋଇଛି । ତେବେ ଜୁନ୍ ୫ ତାରିଖ ସୁଦ୍ଧା ମାତ୍ର ୧୭୧ ଗ୍ରାମର ସେନ୍‌ସସ୍ ତଥ୍ୟ ପୋର୍ଟାଲରେ ଅପ୍‌ଲୋଡ ହୋଇଛି, ଯାହା ଜିଲାର ମାତ୍ର ୧୬ ପ୍ରତିଶତ କାମ ହୋଇଥିବା ସୂଚନା ମିଳିଛି ।

ଏ ସମ୍ପର୍କରେ କୃଷକ ନେତା ଗୟାଧର ଧଳ, ବିଧୁଭୂଷଣ ମହାପାତ୍ର, ବିଜୟ ପରିଡା, ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ, ରାଧାକାନ୍ତ ମହାନ୍ତି ପ୍ରମୁଖ କହିଛନ୍ତି, କୃଷି ହିଁ ଭାରତର ଆତ୍ମା । ନାମମାତ୍ର ଚାଷୀଙ୍କଠାରୁ ବୃହତ୍ ଚାଷୀ ଏହି ଦେଶର ଜିଡିପିକୁ ବୃଦ୍ଧି କରାଇଥାଆନ୍ତି । ତେବେ ଦେଶରେ କୃଷକ ସର୍ବଦା ଅବହେଳିତ । ଉତ୍ପାଦିତ ଦ୍ରବ୍ୟର ବିକ୍ରିଠାରୁ ଆରମ୍ଭ କରି ସମ୍ମାନ ପାଇବାରେ ବେଶ୍ ପଛୁଆ ଅଛି । ଜାତୀୟ ଅର୍ଥନୀତିକୁ ପରିଚାଳିତ କରୁଥିବା କୃଷି ଓ କୃଷକଙ୍କ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ପାଇଁ ୧୯୭୧-୭୨ ଆର୍ଥିକ ବର୍ଷରେ କୃଷି ସେନ୍‌ସସ୍ ଦେଶରେ ଆରମ୍ଭ ହେଲା । କେତେ ଜମିରେ ଚାଷ ହେଉଛି, ଜମିର ମାଲିକାନାଠାରୁ ଆରମ୍ଭ କରି କେଉଁ ପ୍ରକାର ଚାଷ ଅଧିକ ଲାଭଦାୟୀ ହେବ, ସେ ସମ୍ପର୍କରେ ଏପରି ସେନ୍‌ସସ୍ ଦ୍ୱାରା ସମ୍ପୂର୍ଣ୍ଣ ତଥ୍ୟ ମିଳିପାରିବ । ଫଳରେ ଜଳସେଚନଠାରୁ ଆରମ୍ଭ କରି ଉତ୍ପାଦିତ ଦ୍ରବ୍ୟର ଉଚିତ ମୂଲ୍ୟରେ ବିକ୍ରି ସହଜ ହେବ । ଚଳିତ ୧୧ତମ କୃଷି ସେନ୍‌ସସ୍‌କୁ ଡିଜିଟାଲାଇଜେଶନ କରାଯାଉଛି । ମୋବାଇଲ, ଟାବ୍‌ଲେଟ ଆଦି ବ୍ୟବହାର କରାଯାଇ ତଥ୍ୟ ସଂଗ୍ରହକୁ ସରଳ କରାଯାଇଛି । ଏନେଇ କର୍ମଚାରୀଙ୍କୁ ପୂର୍ବରୁ ପ୍ରଶିକ୍ଷିତ କରାଯାଇଛି । ଏହାସତ୍ତ୍ୱେ କେନ୍ଦ୍ରାପଡ଼ା ଜିଲାର ସର୍ଭେ କାର୍ଯ୍ୟକୁ ପ୍ରଶାସନିକ କର୍ମଚାରୀ ଅଣଦେଖା କରିଛନ୍ତି । ଫଳରେ ଜିଲାର କୃଷି ପାଇଁ ଆବଶ୍ୟକ ଯୋଜନା ପ୍ରସ୍ତୁତି ଭଣ୍ଡୁର ହେବ । ଏହି ଜିଲାରେ ବୃହତ୍ ଚାଷୀ ନ ଥିବା ବେଳେ ନାମମାତ୍ର ଓ କ୍ଷୁଦ୍ର ଚାଷୀଙ୍କ ସଂଖ୍ୟା ଅଧିକ । ଶିଳ୍ପ, ଖଣିବିହୀନ ଏହି ଜିଲାର ଅର୍ଥନୀତି କୃଷି ପର୍ଯ୍ୟାବସିତ । ଏପରି ଅଣଦେଖା କରୁଥିବା କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ ବୋଲି ସେମାନେ ମତ ଦେଇଛନ୍ତି । ଏ ସମ୍ପର୍କରେ ଏଡିଏମ୍ ମହାପାତ୍ର କହିଛନ୍ତି, ସର୍ଭେ କାର୍ଯ୍ୟରେ ଶିଥିଳତା ଅଛି । ସମୀକ୍ଷା ବୈଠକରେ ଏନେଇ ତାଗିଦ କରାଯାଇଛି । ଆଗାମୀ ସମୟରେ କାର୍ଯ୍ୟକୁ ଗୁରୁତ୍ୱ ଦେଇ ନ ଥିବା କର୍ମଚାରୀଙ୍କୁ କାରଣଦର୍ଶାଅ ନୋଟିସ ସହ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଏଡିଏମ୍ ମହାପାତ୍ର କହିଛନ୍ତି ।

## ମୃତ ହିତାଧିକାରୀଙ୍କ ଭତ୍ତା ଟଙ୍କା ନ ଦେବାରୁ ଜିଆରଏସ୍‌ଙ୍କୁ ଧମକ

ରାଜନଗର,୭ା୬(ଡି.ଏନ୍.ଏ.)

ରାଜନଗର ବ୍ଲକ ମହିଁଷାସୁର ପଞ୍ଚାୟତର ଜଣେ ମୃତ ବୃଦ୍ଧାଙ୍କ ଭତ୍ତା ଟଙ୍କା ନ ଦେବାରୁ ତାଙ୍କ ପୁଅ ଜିଆରଏସ୍‌ଙ୍କ ଘରେ ପହଞ୍ଚି ଗାଳିଗୁଲଜ କରିବା ସହ ଧମକ ଦେଇଥିବା ନେଇ ରାଜନଗର ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ମୁତାବକ ମହିଁସାସୁର ଗାଁର ଲକ୍ଷ୍ମୀଦେଈଙ୍କ ଗତ ମାସ ୨୦ ତାରିଖ ଦିନ ପରଲୋକ ହୋଇଥିଲା । ସେହି ମାସ ୨୪ ତାରିଖ ଦିନ ମେ'ମାସର ଭତ୍ତା ଟଙ୍କା ଆସିଥିଲା । ଫଳରେ ଜିଆର୍‌ଏସ୍ ସରୋଜିନୀ ରାଉତ ତାଙ୍କ ପରିବାର ଲୋକଙ୍କୁ ଭତ୍ତା ଟଙ୍କା ଦେଇ ନ ଥିଲେ । ଗତ ୪ ତାରିଖ ଅପରାହ୍ନରେ ଜିଆରଏସ୍ ରାଉତ ତାଙ୍କ ଘରେ ଥିଲେ । ଏହି ସମୟରେ ମୃତ ବୃଦ୍ଧାଙ୍କ ପୁଅ ତ୍ରିଲୋଚନ ଜେନା ତାଙ୍କ କବାଟକୁ ଧକ୍କା ମାରିବା ସହ କାହିଁକି ମୋ ମାଆର ଭତ୍ତା ଟଙ୍କା ଦେଲୁ ନାହିଁ କହି ଖରାପ ଭାଷାରେ ଗାଳିଗୁଲଜ କରିବା ସହିତ ଧମକ ଦେଇଥିଲେ । ଏ ନେଇ ଜିଆରଏସ୍ ରାଉତ ବିଡ଼ିଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ବିଡ଼ିଓ ସମୀର କୁମାର ବେହେରା ଜିଆରଏସ୍‌ଙ୍କ ଅଭିଯୋଗକୁ ରାଜନଗର ଥାନାକୁ ଚିଠି ମାଧ୍ୟମରେ ପଠାଇଛନ୍ତି ।

# ଓଷ୍ଟା ତରଫରୁ ଏ-୧ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା



କୃତୀଛାତ୍ରୀଛାତ୍ରଙ୍କ ଗହଣ ଓଷ୍ଟାର କର୍ମକର୍ତ୍ତା ।

ରାଜକନିକା,୭ା୬(ଡି.ଏନ.ଏ.)

ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ରାଜକନିକା ମଣ୍ଡଳ ପକ୍ଷରୁ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଏ-୧ ପାଇଥିବା ଛାତ୍ରୀଛାତ୍ରୀଙ୍କୁ ରାଜକନିକା ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଛି । ରାଜକନିକା ମଣ୍ଡଳ ଓଷ୍ଟାର ସଭାପତି ସଞ୍ଜୟ କୁମାର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜକନିକା ମଣ୍ଡଳ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ଦଳାଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ବିଶିଷ୍ଟ ଅତିଥି ଭାବେ ରାଜ୍ୟ ଓଷ୍ଟାର ପ୍ରାକ୍ତନ ନେତୃତ୍ୱ କାଳୀପ୍ରସାଦ ନାୟକ ଓ ମୁଖ୍ୟବକ୍ତା ଭାବେ ରାଜକନିକା ମଣ୍ଡଳ ଓଷ୍ଟାର ପ୍ରାକ୍ତନ ସମ୍ପାଦକ ତଥା ବରିଷ୍ଠ ଶିକ୍ଷାବିତ୍ ନବକିଶୋର ସୁତାର, ସମ୍ମାନିତ ଅତିଥି ଭାବେ ଓଷ୍ଟାର ପ୍ରାକ୍ତନ ଜିଲା ନେତୃତ୍ୱ ବିଦ୍ୟାଧର ଦାସ, ପ୍ରାକ୍ତନ କ୍ରୀଡ଼ା ଓ ଯୋଗ ଶିକ୍ଷକ ବିଜୟ କୁମାର ବେହେରା, ପଣ୍ଡିତ ବଟକୃଷ୍ଣ ପଣ୍ଡା, ଉତ୍କଳମଣି ନୋଡାଲ ବିଦ୍ୟାପୀଠ ଡାଳିକାଏନ୍ଦାର ପ୍ରାକ୍ତନ ପ୍ରଧାନଶିକ୍ଷକ ନିମାଇଁ ଚରଣ ନାୟକ, ଉତ୍କଳମଣି ହାଇସ୍କୁଲ ପଣସଗଣ୍ଡର ପ୍ରଧାନ ଶିକ୍ଷକ ତଥା ପ୍ରାକ୍ତନ ନୋଡାଲ ପ୍ରଧାନ ଶିକ୍ଷକ ଅନ୍ନଦା ପ୍ରସାଦ ରାଉତ, ପଞ୍ଚାୟତ ନୋଡାଲ ହାଇସ୍କୁଲ ଜୟନଗରର ପ୍ରଧାନ ଶିକ୍ଷକ ଅଶୋକ କୁମାର ରାଉତରାୟ, ରାଜକନିକା ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଧର୍ମଜ୍ୟୋତି ରାଉତ ଓ କନିକା ହାଇସ୍କୁଲ ଆୟତନର ବିଜ୍ଞାନ ଶିକ୍ଷକ ଅରୁଣ କୁମାର ଜେନା ପ୍ରମୁଖ ଯୋଗଦେଇ ଜୀବନରେ ଏକ ଲକ୍ଷ୍ୟ ରଖି ଏକନିଷ୍ଠ ଭାବେ ଅଗ୍ରସର ହେଲେ ସଫଳତା ହାସଲ କରି ହେବ ବୋଲି ଛାତ୍ରୀଛାତ୍ରଙ୍କ ପରାମର୍ଶ ଦେଇଥିଲେ । ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ରାଜକନିକା ବ୍ଲକର ଏ-୧ ପାଇଥିବା ୧୦ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ପୁରସ୍କାର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ପ୍ରାରମ୍ଭରେ ମଣ୍ଡଳ ଓଷ୍ଟାର ସମ୍ପାଦକ ଅରବିନ୍ଦ ନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଶିକ୍ଷକ ନେତା ରତିକାନ୍ତ ଦାସ ଅତିଥି ପରିଚୟ ଓ ମଣ୍ଡଳ ଓଷ୍ଟାର ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ବାରିକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ୩ ଦଫା ଦାବି ନେଇ ସମବାୟ ସମିତି କର୍ମଚାରୀଙ୍କ ଧାରଣା




କୃଷି ସମବାୟ ସମିତି କର୍ମଚାରୀମାନେ ଧାରଣା ଦେଇଛନ୍ତି ।

ମହାକାଳପଡ଼ା,୭ା୬(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ୨୪ ପ୍ରାଥମିକ କୃଷି ସମବାୟ ସମିତିର ଶତାଧିକ କର୍ମଚାରୀ ୩ ଦଫା ଦାବି ପୂରଣ ପାଇଁ ବୁଧବାର ଧାରଣା ଦେଇଥିଲେ । ଏହି ଅବସରରେ ସେମାନେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ, ସମବାୟ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ବିଭାଗୀୟ ସଚିବ, ୫-ଟି ସଚିବଙ୍କ ସମେତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଉଦ୍ଦେଶ୍ୟରେ ଜିଲା ସମବାୟ ସମିତି ନିବନ୍ଧକଙ୍କୁ ପ୍ରଦାନ କରିଛନ୍ତି । ବିଶେଷ କରି ସମସ୍ତ ସମବାୟ କର୍ମଚାରୀଙ୍କୁ କ୍ୟାଡ଼ର ଭୁକ୍ତ କରିବା, ସପ୍ତମ ବେତନ କମିଶନ ଅନୁଯାୟୀ ଦରମା ପ୍ରଦାନ, ସମସ୍ତ କର୍ମଚାରୀଙ୍କୁ ଦରମା ଦେବା ନିମନ୍ତେ ବାର୍ଷିକ ସରକାରୀ ବଜେଟ୍‌ରେ ୩୦୦ କୋଟି ଟଙ୍କାର ବ୍ୟୟ ବରାଦ କରିବା ଓ ସୁଧ ରିହାତି ଅର୍ଥ ସମିତି ସଞ୍ଚୟ ଖାତାକୁ ତୁରନ୍ତ ପୈଠ କରିବାକୁ ଦାବି କରାଯାଇଛି । ଉପରୋକ୍ତ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ବ୍ଲକ ସଂଘ କର୍ମକର୍ତ୍ତା କହିଛନ୍ତି ।

ସୂଚନାଯୋଗ୍ୟ, ସମବାୟ ସମିତିର ସମସ୍ତ କର୍ମଚାରୀ ଚଳିତ ମାସ ୧ ତାରିଖରୁ କାର୍ଯ୍ୟ ବନ୍ଦ କରି ମହାକାଳପଡାସ୍ଥିତ କଟକ ସେଣ୍ଟ୍ରାଲ ସମବାୟ ବ୍ୟାଙ୍କ ସମ୍ମୁଖରେ ଧାରଣାରେ ବସିଛନ୍ତି । ଏହି ଧାରଣାରେ ସମିତି କର୍ମଚାରୀ ସଂଘ ସଭାପତି ଅଜିତ୍‌ବନ୍ଧୁ ସାମନ୍ତରାୟ, ସମ୍ପାଦକ ପ୍ରଶାନ୍ତ କୁମାର ସ୍ୱାଇଁ, ଜିଲା କାର୍ଯ୍ୟକାରୀ ସଭାପତି ଚୌଧୁରୀ ଚିଦାନନ୍ଦ ଦାସ, ମନୋଜ ନାୟକ, ଦେବେନ୍ଦ୍ର ସାହୁ, ମନୋରଞ୍ଜନ ସ୍ୱାଇଁ, ସୁରେଶ ରାଉତଙ୍କ ସହ ସମସ୍ତ କର୍ମଚାରୀ ଉପସ୍ଥିତ ରହି ନିଜର ଦାବି ପୂରଣ ପାଇଁ ସ୍ଲୋଗାନ ଦେଇଥିଲେ ।

## ଖାଦ୍ୟ ନିରାପତ୍ତା, ସ୍ୱଚ୍ଛତା ପାଇଁ ପ୍ରଶିକ୍ଷଣ

ମାର୍ଶାଘାଇ,୭ା୬(ଡି.ଏନ୍.ଏ.)

ମାର୍ଶାଘାଇ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ଦିନିକିଆ ବ୍ଲକସ୍ତରୀୟ ପାଚିକା ତଥା ସହାୟିକାମାନଙ୍କ ଖାଦ୍ୟ ନିରାପତ୍ତା ଓ ସ୍ୱଚ୍ଛତା ସମ୍ବନ୍ଧୀୟ ପ୍ରଶିକ୍ଷଣ ବୁଧବାର ଶିବିର ଅନୁଷ୍ଠିତ ହୋଇଯାଇଛି । ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରକୁ ବ୍ଲକ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର ସ୍ୱାଇଁ ଉଦ୍‌ଘାଟନ କରିଥିଲେ । ବ୍ଲକର ୫ କ୍ଲଷ୍ଟରର ୪୪ ଜଣ ପାଚିକା ଓ ସାହାୟିକାଙ୍କୁ ଖାଦ୍ୟ ନିରାପତ୍ତା ଓ ସ୍ୱଚ୍ଛତା ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ପ୍ରଶିକ୍ଷକ ଭାବେ ପାର୍ଥସାରଥୀ ସାହୁ ଓ ଦେବେନ୍ଦ୍ରନାଥ ଦାସ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଶିକ୍ଷାଧିକାରୀ ତଥା ବିଆରସିସି ଅନିତା ବେହେରା, ଏବିଇଓ (ମଧ୍ୟାହ୍ନ ଭୋଜନ) ସୁଶାନ୍ତ କୁମାର ବେହେରା ଓ କାର୍ଯ୍ୟକ୍ରମ ସଂଯୋଜକ ଉମାଶଙ୍କର ଓଝା ପ୍ରମୁଖ ଉପସ୍ଥିତ ଥିଲେ ।



ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ ।

## ଦୁର୍ଘଟଣା ଜୋନ୍ ପାଲଟିଛି ରାଜକନିକା-କଣ୍ଡିଆହାଟ ରାସ୍ତା

ରାଜକନିକା,୭ା୬(ଡି.ଏନ୍.ଏ.)



ରାସ୍ତାରୁ କଂକ୍ରିଟ୍, ମେଟାଲ ଉଠି ଗାତ ସୃଷ୍ଟି ହୋଇଛି ।

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଅଧୀନ କଣ୍ଡିଆହାଟ-ରାଜକନିକା ରାସ୍ତା ଖାଲଖମାରେ ପରିଣତ ହୋଇଛି । କଂକ୍ରିଟ୍ ରାସ୍ତାରୁ ମୋରମ, ମେଟାଲ ଉଠି ବିଭିନ୍ନ ସ୍ଥାନରେ ବିଛାଡ଼ି ହୋଇ ପଡିଛି । ଫଳରେ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି । ଏହି ରାସ୍ତା ଦେଇ କଲିକତା, ରାଉରକେଲା, ଯାଜପୁରରୋଡ, ଯାଜପୁରକୁ ଶତାଧିକ ଟ୍ରେକର, ଅଟୋରିକ୍ସା ଓ ଚାରିଚକିଆ ଯାନବାହନ ଚଳାଚଳ କରୁଛି । ହେଲେ ରାସ୍ତା ଅବସ୍ଥା ଭଲ ନ ଥିବାରୁ ଗାଡ଼ି ଚାଳକମାନେ ଯେତେ ସାବଧାନରେ ଗାଡ଼ି ଚଳାଇଲେ ମଧ୍ୟ ଦୁର୍ଘଟଣା ଘଟୁଛି । ମୃତାହତଙ୍କ ସଂଖ୍ୟା ବି ବଢ଼ି ଚାଲିଛି । ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀମାନଙ୍କୁ ବାରମ୍ବାର ଜଣାଇଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି । ଚରପଡ଼ା ସରପଞ୍ଚ ଧୀରେନ ଜେନା, ପ୍ରାକ୍ତନ ସରପଞ୍ଚ ଶରତ ଚନ୍ଦ୍ର ବଳ, ପୂର୍ବତନ ସରପଞ୍ଚ ଅଶ୍ୱିନୀ ସାମଲ, ଚରପଡ଼ା ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ଅୟସ ସାମଲ ପ୍ରମୁଖ କେନ୍ଦ୍ରାପଡ଼ା ଜିଲା ପୂର୍ତ୍ତବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଏ ସଂକ୍ରାନ୍ତରେ ଜଣାଇବା ସହ ତୁରନ୍ତ ରାସ୍ତା ମରାମତି କରିବାକୁ ଦାବି କରିଛନ୍ତି । ଏଥିରେ କାଳକ୍ଷେପଣ ନୀତି ଅବଲମ୍ବନ କଲେ ଆଗାମୀ ଦିନରେ ଏକ ବଡଧରଣର ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ କହିଛନ୍ତି ।

# ଔଷଧ ଦୋକାନ ଉପରେ ଚଢ଼ାଉ

ପଟ୍ଟାମୁଣ୍ଡାଇ,୭ା୬(ସ୍ୱ.ପ୍ର.)



ଏକ ଔଷଧ ଦୋକାନର କାଗଜପତ୍ର ଯାଞ୍ଚ କରାଯାଉଛି ।

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ସହର ସମେତ ଗ୍ରାମାଞ୍ଚଳରେ ବେନିୟମ ଭାବେ ବହୁ ସଂଖ୍ୟାରେ ଔଷଧ ଦୋକାନ ଖୋଲିଛି । ଏନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ ଜିଲା ଭେଷଜ ନିରୀକ୍ଷକଙ୍କ ପକ୍ଷରୁ ନିୟମିତ ଚଢ଼ାଉ କରାଯାଉନାହିଁ । ଏହାକୁ ନେଇ ଲୋକଙ୍କ ମଧରେ ଅସନ୍ତୋଷ ପ୍ରକାଶ ଥିଲା । ହେଲେ ବୁଧବାର ଜିଲା ଭେଷଜ ନିରୀକ୍ଷକ ପ୍ରଦେଶ ସାହୁ ଓ ସ୍ଥାନୀୟ ପୋଲିସ ସଦଳବଳ ସହରର ସମସ୍ତ ଔଷଧ ଦୋକାନ ଉପରେ ଚଢ଼ାଉ କରିଥିଲେ । ସହରରେ ଥିବା ଔଷଧ ଦୋକାନଗୁଡ଼ିକର କାଗଜପତ୍ର ଯାଞ୍ଚ କରାଯିବା ସହ ଔଷଧର ମାନ ପରୀକ୍ଷା ପାଇଁ ଏକାଧିକ ଔଷଧ ଜବତ କରାଯାଇଛି । ଦୋକାନରେ ଥିବା ଆଣ୍ଟିବାୟୋଟିକ, କଫ୍ ସିରପ୍ ଓ ଅନ୍ୟାନ୍ୟ ଔଷଧଗୁଡ଼ିକୁ ଜବତ କରାଯାଇଛି । କେତେକ ଔଷଧ ଦୋକାନର କାଗଜପତ୍ର ଠିକ ନ ଥିବା ଜାଣାପଡିଛି । ସେଗୁଡ଼ିକ ଯାଞ୍ଚ କରାଯାଇ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡ୍ରଗ୍‌ସ ଇନ୍ସପେକ୍ଟର ସୂଚନା ଦେଇଛନ୍ତି । କେତେକ ସ୍ଥାନରେ ବେଆଇନ ଔଷଧ ଦୋକାନ ଖୋଲିଥିବା ଅଭିଯୋଗ ହେବାପରେ ପ୍ରଶାସନ ପକ୍ଷରୁ ଏହି ଯାଞ୍ଚ ଆରମ୍ଭ ହୋଇଛି ବୋଲି ଭେଷଜ ନିରୀକ୍ଷକ ସାହୁ କହିଛନ୍ତି ।

## ସଂକ୍ଷେପରେ

### ଜିଲାସ୍ତରୀୟ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ବୈଠକ

ପାରଳାଖେମୁଣ୍ଡି,୭।୬(ଡି.ଏନ୍.ଏ.)- ଗଜପତି ଜିଲା ସଦରମହକୁମାଠାରେ ଜିଲାସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମିଞ୍ଜ ଓ ବୀରେନ୍ଦ୍ର କୁମାର ଦାସ (ରାଜସ୍ୱ) ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିବା ବେଳେ ଜିଲା ଜରୁରିକାଳୀନ ଅଧିକାରୀ ପ୍ରଭାସ କୁମାର ବେହୁରା ଉପସ୍ଥିତ ଥିଲେ। ସେହିପରି ଜିଲାର କାଶୀନଗର, ନୂଆଗଡ଼ ଓ ରାୟଗଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉପସ୍ଥିତ ଥିବାବେଳେ ଅନ୍ୟ ସମସ୍ତ ଲାଇନ ବିଭାଗୀୟ ଅଧିକାରୀ ତଥା ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଓ ପାରଳାଖେମୁଣ୍ଡି ପୌରପରିଷଦ, କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ ଭର୍ଚୁଆଲ ମୋଡ୍‌ରେ ଯୋଗଦାନ କରିଥିବା ବେଳେ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଏଥିରେ ଜିଲା ବିପର୍ଯ୍ୟୟ ପ୍ରବନ୍ଧନ ପରାମର୍ଶଦାତା ପ୍ରଦୋଷ କୁମାର ଶତପଥୀ ବିପର୍ଯ୍ୟୟ ପରିଚାଳନା ବିଷୟରେ ଉପସ୍ଥାପନ କରିଥିଲେ। ଆସନ୍ତା ୧୮ ଓ ୧୯ ତାରିଖରେ ଦୁଇଦିନ ଧରି ଜିଲାସ୍ତରୀୟ ବିପର୍ଯ୍ୟୟ ପରିଚାଳନାରେ ଅଭ୍ୟାସ ନିମନ୍ତେ ଟେବୁଲ ଟପ ଏକ୍ସରସାଇଜ ଓ ମକ୍‌ଡ୍ରିଲ ପ୍ରସ୍ତୁତିର ପ୍ରଦର୍ଶନ କରାଯିବ। ଏକ କାଳ୍ପନିକ ବାତ୍ୟା ସାଙ୍ଗକୁ ନେଇ ମକ୍‌ଡ୍ରିଲ କରିବା ସହିତ ଏହାର କିପରି ମୁକାବିଲା କରିବେ ସେ ଦିଗରେ ଜିଲା ସ୍ତରୀୟ ଟେବୁଲ ଟପ ଏକ୍ସରସାଇଜ କରାଯିବ ବୋଲି ଆଲୋଚନା କରାଯାଇଛି। ବର୍ଷାଦିନେ ସମ୍ଭାବ୍ୟ ବାତ୍ୟା, ଘୂର୍ଣ୍ଣିବଳୟ, ବନ୍ୟା ଓ ଭୂସ୍ଖଳନ ପରି ପରିସ୍ଥିତିକୁ ଦୃଷ୍ଟିରେ ରଖି ସମସ୍ତ ଲାଇନ ବିଭାଗୀୟ ଅଧିକାରୀମାନଙ୍କ ସହିତ ଆଲୋଚନା ହୋଇଥିଲା।

### ଫେରାର ଅଭିଯୁକ୍ତ ଗିରଫ

ଆସିକା,୭।୬(ଡି.ଏନ.ଏ)-ଗାଙ୍ଗପୁର ଥାନା ଅଞ୍ଚଳରେ ଆପରାଧିକ କାର୍ଯ୍ୟରେ ଅଭିଯୁକ୍ତ ଥାଇ ଅଦାଲତରେ ହାଜର ହେଉ ନ ଥିବା ଅଭିଯୋଗରେ ପୋଲିସ ବୁଧବାର ୩ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଏହି ଥାନା ଅନ୍ତର୍ଗତ କଇଠିରା ଗ୍ରାମର ସନିଆ ଦାସ, ନାରାୟଣ ଦାସ ଓ ନିମିନା ଗ୍ରାମର ସନ୍ତୋଷ ସାହୁ। ସନିଆ ଓ ନାରାୟଣଙ୍କ ବିରୋଧରେ ୨୦୧୦ରୁ ଫୌଜଦାରୀ ମାମଲା ରହିଥିଲେ ମଧ ସେମାନେ ଅଦାଲତରେ ହାଜର ହେଉ ନଥିବା ନେଇ ଅଦାଲତ ପକ୍ଷରୁ ୱାରେଣ୍ଟ ଜାରି ହୋଇଥିଲା। ସେହିପର ସନ୍ତୋଷ ୧୯୯୮ରୁ ୨୦୧୨ ମଧରେ ଗାଙ୍ଗପୁର ଥାନା ଅଞ୍ଚଳରେ ହତ୍ୟା ଉଦ୍ୟମ, ବୋମାମାଡ, ଡକାୟତି, ଲୁଣ୍ଠନ, ଚୋରି ଓ ମାରପିଟ ଆଦି ଏକାଧିକ ମାମଲାରେ ସଂପୃକ୍ତ ଥିଲେ । ଉଭୟ ମାମଲାର ଗିରଫ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି ।

# ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ ୩୮୩ କୋଟି ମଞ୍ଜୁର



ଶିଳାନ୍ୟାସ କାର୍ଯ୍ୟକ୍ରମରେ ଉପସ୍ଥିତ ଜନପ୍ରତିନିଧି ବୃନ୍ଦ।

ଦିଗପହଣ୍ଡି,୭।୬(ଡି.ଏନ.ଏ.)

ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ଆନୁକୂଲ୍ୟରେ ପାଇପ ଯୋଗେ ଗ୍ରାମାଞ୍ଚଳର ପ୍ରତ୍ୟେକ ଘରକୁ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପରୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରାଯିବ। ଏଥିପାଇଁ ୩୮୩ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟର ଶୁଭାରମ୍ଭ ନିମନ୍ତେ ବୁଧବାର ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ପଞ୍ଚାୟତ ଚୈତନ୍ୟପୁର ଗ୍ରାମ ନିକଟରେ ଶିଳାନ୍ୟାସ କରାଯାଇଛି। ସ୍ଥାନୀୟ ସରପଞ୍ଚ ପ୍ରତିନିଧି ବି .କ୍ରିଷ୍ଣାରାଓ ସୁବୁଦ୍ଧିଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଦିଗପହଣ୍ଡି ବିଡିଓ ଡ. ଚିତ୍ତରଞ୍ଜନ ଦାସ, ଅତିରିକ୍ତ ତହସିଲଦାର ସନାତନ ମହାଲିକ, ବ୍ଲକ ଅଧ୍ୟକ୍ଷା ସୁନୀତା କୁମାରୀ ସେଠୀ, ଉପାଧ୍ୟକ୍ଷା ସୁକାନ୍ତି ପ୍ରଧାନ, ବିଧାୟକ ପ୍ରତିନିଧି ବିଭୂତି ଭୂଷଣ ମହାପାତ୍ର, ମେଗା ପ୍ରକଳ୍ପ ନିର୍ଦ୍ଦେଶକ ପି .ତରୁଣ ଶିବା କୁମାର, ସରପଞ୍ଚ ବି . ସନ୍ଧ୍ୟାରାଣୀ ସୁବୁଦ୍ଧି, ଜିଲା ପରିଷଦ ସଦସ୍ୟା ସଂଯୁକ୍ତା କବି, ରାଧାକାନ୍ତ ମହାଙ୍କୁଡ, ବ୍ଲକ ଅଧ୍ୟକ୍ଷା ପ୍ରତିନିଧି କୃଷ୍ଣଚନ୍ଦ୍ର ସେଠୀ, ଉପାଧ୍ୟକ୍ଷା ପ୍ରତିନିଧି ନକୁଳ ପ୍ରଧାନ, ବଡଡୁମୁଳା ସରପଞ୍ଚ ଗୀତାଞ୍ଜଳୀ ଜାନୀ, କରପଡା ସରପଞ୍ଚ ଫନେନ୍ଦ୍ର ଚନ୍ଦ୍ର ଗୋସ୍ୱାମୀ, ବି . ଡୁରୁବୁଡି ସରପଞ୍ଚ ଲିଙ୍ଗରାଜ ଦୋରା, ଭୀଷ୍ମଗିରି ସରପଞ୍ଚ ଭାରତୀ ବ୍ରହ୍ମା, ସରପଞ୍ଚ ପ୍ରତିନିଧି ଶେଷକାନ୍ତ ଜାନୀ, ପଦ୍ମନାଭପୁର ପଞ୍ଚାୟତ ସମିତି ସଭ୍ୟା ଜି . ସୁନୀତା ରେଡ୍ଡୀ, ପୂର୍ବତନ ସମିତି ସଭ୍ୟ ଟି . ରାମାରାଓଙ୍କ ସମେତ ମେଗା ପାନୀୟ ଜଳ ପ୍ରକଳ୍ପର ସମସ୍ତ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମାଞ୍ଚଳଗୁଡ଼ିକରେ ବିଶୁଦ୍ଧ ପାନୀୟ ଜଳର ସଙ୍କଟ ଦୂରୀକରଣ କରାଯିବା ସହ ପ୍ରତ୍ୟେକ ଘରେ ଲୋକେ କିଭଳି ପାଇପ ଯୋଗେ ପାନୀୟ ଜଳର ସୁବିଧା ପାଇପାରିବେ ତାହାକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ମେଗା ପ୍ରକଳ୍ପକୁ ମଞ୍ଜୁର କରିଛନ୍ତି। ବାଘଲଟି ଜଳସେଚନ ପ୍ରକଳ୍ପ ଓ ଘୋଡାହାଡ଼ ଜଳସେଚନ ପ୍ରକଳ୍ପରୁ ପାତ୍ରପୁର ଓ ଦିଗପହଣ୍ଡି ବ୍ଲକର ୨୫ ପଞ୍ଚାୟତର ଗ୍ରାମାଞ୍ଚଳମାନଙ୍କୁ ଏହି ମେଗା ପ୍ରକଳ୍ପ ଦ୍ୱାରା ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରାଯିବ ବୋଲି ଜଣାପଡିଛି।

# ମୋ ଘର ଯୋଜନା ପାଇଁ ପ୍ରଶିକ୍ଷଣ

ନୂଆଗାଁ,୭।୬(ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସଭାଗୃହରେ ବୁଧବାର ମୋ ଘର ଯୋଜନା ପାଇଁ ମୋ ସେବା କେନ୍ଦ୍ରର କର୍ମଚାରୀମାନଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଓଡିଶା ସରକାର କଚ୍ଚା ଘରେ ବସବାସ କରୁଥିବା ପରିବାରକୁ ମୋ ଘର ଯୋଜନା ମାଧ୍ୟମରେ ପକ୍କା ଘର ଯୋଗାଇ ଦେବାର ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ନିଜକୁ ଯୋଗ୍ୟ ହିତାଧିକାରୀ ଭାବୁଥିବା ଲୋକମାନେ ମୋ ସେବା କେନ୍ଦ୍ର ମାଧ୍ୟମରେ ଅନଲାଇନ୍ ଆବେଦନ କରିବାର ବ୍ୟବସ୍ଥା କରାଯାଇଛି । ତେଣୁ ହିତାଧିକାରୀମାନଙ୍କ ଆବେଦନ ପ୍ରକ୍ରିୟା କିଭଳି ସଠିକ୍ ହେବ, ଆବେଦନ ପାଇଁ କେଉଁ କେଉଁ କାଗଜପତ୍ରର ଆବଶ୍ୟକ ସେ ବାବଦରେ ୧୮ଟି ମୋ ସେବା କେନ୍ଦ୍ରର କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦିଆ ଯାଇଥିଲା। ଏହି ଦିନିକିଆ ପ୍ରଶିକ୍ଷଣ ଶିବିରରେ ନୂଆଗାଁ ବିଡିଓ ସଚ୍ଚିଦାନନ୍ଦ ମିଶ୍ର, ଏବିଡିଓ ସ୍ୱଦେଶରଞ୍ଜନ ଶତପଥୀ, ସିପି ତୁଷାରକାନ୍ତ ପାଣିଗ୍ରାହୀ, ଗ୍ରାମୀଣ ଗୃହ ବିଭାଗ ପ୍ରକଳ୍ପ ସହାୟକ କାର୍ତ୍ତିକ ଦାସ, ପ୍ରକଳ୍ପ ସଂଯୋଜକ ଦେବରାଜ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।




ମୋ ସେବା କେନ୍ଦ୍ରର କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି ।

# ବାହାନଗା ଟ୍ରେନ୍ ଦୁର୍ଘଟଣାରେ ମୃତକଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା




ଶୋଭାଯାତ୍ରାରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ।

ଦଶପଲ୍ଲା,୭।୬ (ଡି.ଏନ୍.ଏ.)

ବାହାନାଗା ଟ୍ରେନ ଦୁର୍ଘଟଣାରେ ମୃତକଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ବିଭିନ୍ନ ଅନୁଷ୍ଠାନ ତରଫରୁ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବୁଧବାର ସନ୍ଧ୍ୟାରେ ଆଇଡିଆଲ କୋଚିଂ ସେଣ୍ଟର ତରଫରୁ ଏକ ଶୋଭାଯାତ୍ରା ଦୁର୍ଗା ବଜାରଠାରୁ ମହାବୀର ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା । ଏଥିରେ ବହୁ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ । ସେହିପରି ମଙ୍ଗଳବାର ସନ୍ଧ୍ୟାରେ ଦୁର୍ଗା ବଜାର କଲୋନୀ ପରିସରରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ସେହି ଶୋଭାଯାତ୍ରା କଲୋନୀ ପରିକ୍ରମା କରି ରାମ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା । ଏହାକୁ ଅଜୟ କୁମାର ପୃଷ୍ଟି ,ରଙ୍କନିଧି ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

## ନବବଧୂ ମୃତଦେହ ଜବତ ଘଟଣା, ସ୍ୱାମୀ କୋର୍ଟ ଚାଲାଣ

ଜଗନ୍ନାଥ ପ୍ରସାଦ,୭।୬(ଡି.ଏନ.ଏ.)

ଜଗନ୍ନାଥ ପ୍ରସାଦ ଥାନା ଟିକିଲି ଗ୍ରାମରେ ମଙ୍ଗଳବାର ଜଣେ ନବ ବଧୂର ମୃତଦେହ ଜବତ ହୋଇଥିଲା। ଏହି ଘଟଣାରେ ବୁଧବାର ସ୍ୱାମୀ ରାମ ଚନ୍ଦ୍ରଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ଗ୍ରାମର ରାମଚନ୍ଦ୍ର ପ୍ରଧାନଙ୍କ ସ୍ତ୍ରୀ ମିନି ଗୋଟିଏ ଗାମୁଛା ବେକରେ ବାନ୍ଧି ଫ୍ୟାନରେ ଝୁଲି ପଡି ଆତ୍ମହତ୍ୟା କରିଥିବା ଶାଶୁ ଘର ଲୋକେ କହିଥିବା ବେଳେ ସ୍ୱାମୀ ରାମ ଚନ୍ଦ୍ର ଓ ପରିବାର ଲୋକ ଅଧିକ ଯୌତୁକ ଲାଗି ନିର୍ଯାତନା ଦେଉଥିବାରୁ ଝିଅ ହତ୍ୟା କରିଥିବା ବାପା ଖଦାଳ ଅଭିଯୋଗ କରିଛନ୍ତି। ଏ ନେଇ ଜଗନ୍ନାଥ ପ୍ରସାଦ ପୋଲିସ ନଂ. ୩୫୫/୨୩ରେ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ପୋଲିସ ଓ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ଘରୁ ମିଳିଥିବା ମିନିଙ୍କ ଏକ ଡାଏରୀରୁ ଘଟଣାର ରହସ୍ୟ ଉନ୍ମୋଚନ କରିବାରେ ଲାଗିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ଦିଲୀପ କୁମାର ସ୍ୱାଇଁ କହିଛନ୍ତି।

## ବାଇକ ଦୁର୍ଘଟଣାରେ ଜଣେ ମୃତ, ୩ ଗୁରୁତର

ଦିଗପହଣ୍ଡି, ୭।୬(ଡି.ଏନ.ଏ.)

ଦିଗପହଣ୍ଡି-ଚିକିଟି ମୁଖ୍ୟରାସ୍ତାର ଗୁପ୍ତେଶ୍ୱର ମନ୍ଦିର ନିକଟରେ ବୁଧବାର ଏକ ବାଇକ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ମାଆ-ଝିଅଙ୍କ ସମେତ ବାଇକ ଚାଳକ ଗୁରୁତର ହୋଇଛନ୍ତି। ମୃତକ ହେଲେ ଦିଗପହଣ୍ଡି ବ୍ଲକ ବଡ଼ଡୁମୁଳା ଗ୍ରାମର ରଘୁନାଥ ବାଡ଼ତ୍ୟା। ଗୁରୁତର ହେଲେ ଆସିକା ଥାନା ଆଖୁପଦର ଗ୍ରାମର ଗୀତା ଦାଶ ଓ ତାଙ୍କ ଝିଅ ଶ୍ରଦ୍ଧା ଦାଶ, ଅନ୍ୟ ଜଣେ ରାସ୍ତୁ ଝୋଳାର ସମୀର ଦାଶ।

# ୮ କାଠଗଣ୍ଡି ଜବତ, ୨ ମାମଲା ରୁଜୁ



ବନ ବିଭାଗ ଦ୍ୱାରା ଜବତ କାଠଗଣ୍ଡି ।

ନୂଆଗାଁ,୭।୬ (ଡି.ଏନ.ଏ)

ନୟାଗଡ ବନଖଣ୍ଡ ମହିପୁର ବନାଞ୍ଚଳ ମହିତମା ଫରେଷ୍ଟ ସେକ୍ସନର କର୍ମଚାରୀମାନେ ମଙ୍ଗଳବାର ଖାଲମଡା ଗ୍ରାମରେ ଚଢାଉ କରି ୮ଟି କାଠ ଗଣ୍ଡି ଜବତ କରିବା ସହ ୨ ମାମଲା ରୁଜୁ କରିଛନ୍ତି । ସୂଚନା ମୁତାବକ ଖାଲମଡା ଗ୍ରାମରେ କାଠଗଣ୍ଡି ରହିଥିବା ନେଇ କୌଣସି ସୁତ୍ରରୁ ଖବର ପାଇ ମହିତମା ଫରେଷ୍ଟ ସେକ୍ସନର କର୍ମଚାରୀମାନେ ଚଢଉ କରିଥିଲେ । ଖାଲମଡା ଗ୍ରାମର ପ୍ରକାଶ ପ୍ରଧାନଙ୍କ ବାଡିପଟୁ ୨ କାଠଗଣ୍ଡି ଜବତ ହୋଇଥିବା ବେଳେ ମନ୍ଦିର ପଛପଟୁ ୪ ଖଣ୍ଡ କାଠଗଣ୍ଡି ଏବଂ ଅନ୍ୟାନ୍ୟ ସ୍ଥାନରୁ ୨ କାଠଗଣ୍ଡି ଜବତ କରାଯାଇଛି । ସେଥି ମଧ୍ୟରୁ ୪ ଶାଳ, ୨ କୁରୁମ ଓ ୨ କଷି କାଠଗଣ୍ଡି ରହିଛି ବୋଲି ଫରେଷ୍ଟର ରାକେଶ କୁମାର ସାହୁ ସୂଚନା ଦେଇଛନ୍ତି ।

# ଖଣ୍ଡପଡ଼ା ବ୍ଲକ ସରପଞ୍ଚ ସଂଘ ଗଠିତ



ଆୟୋଜିତ ବୈଠକରେ ଯୋଗ ଦେଇଥିବା ସରପଞ୍ଚ ଓ ଜନ ପ୍ରତିନିଧି।

ଖଣ୍ଡପଡ଼ା,୭।୬ (ସ୍ୱ.ପ୍ର)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ମର୍ଦ୍ଦରାଜପୁର କଲ୍ୟାଣ ମଣ୍ଡପରେ ବଳଭଦ୍ରପ୍ରସାଦ ପଞ୍ଚାୟତ ସରପଞ୍ଚ ବାସୁଦେବ ନାୟକଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ପଞ୍ଚାୟତର ସରପଞ୍ଚମାନଙ୍କୁ ନେଇ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପଞ୍ଚାୟତ ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିଲା । ଏଥିରେ ଖଣ୍ଡପଡା ସରପଞ୍ଚ ସଂଘ ଗଠନ କରାଯାଇଥିଲା । ପ୍ରାରମ୍ଭରେ ବାହାନଗା ରେଳ ଦୁର୍ଘଟଣାରେ ମୃତକଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯିବା ସହିତ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨ ହଜାର ଟଙ୍କା ପ୍ରଦାନ କରାଯାଇଥିଲା ।

ବିଶେଷ କରି ପ୍ରାଥମିକ ବିଦ୍ୟାଳୟର ଅବସ୍ଥା ଅତି ଦୟନୀୟ ହୋଇ ପଡିଥିବାରୁ ଏଥି ପାଇଁ ଆବଶ୍ୟକ ମରାମତି ଓ ନୂତନ ଶ୍ରେଣୀ ଗୃହ ନିର୍ମାଣ ନିମନ୍ତେ ମୁଖ୍ୟମନ୍ତ୍ରୀ ଆର୍ଥିକ କ୍ଷମତା ଦେଇଥିବାରୁ ସଂଘ ପକ୍ଷରୁ ତାଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା । ଏହି ଅବସରରେ ସଂଘର କର୍ମକର୍ତ୍ତା ଚୟନ କରାଯାଇଥିଲା । ସଭାପତି ଭାବେ ସିଧାମୂଳା ସରପଞ୍ଚ ଗୀତାଞ୍ଜଳି ଜେନା, ଉପସଭାପତି ଭାବେ କୁମ୍ଭାରପଡା ସରପଞ୍ଚ ଚିନ୍ମୟ କୁମାର ପଣ୍ଡା, ସମ୍ପାଦକ ସିଂଘାପଡା ସରପଞ୍ଚ ସୁନୀଲ ପ୍ରଧାନ, କୋଷାଧ୍ୟକ୍ଷ ଭାବେ କଣ୍ଟିଲୋ ସରପଞ୍ଚ ଶ୍ରୀୟାରାଣୀ ବେହେରାଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଛି । ଏଥିସହ ଉପଦେଷ୍ଟା ଭାବେ ବୋଦସା ସରପଞ୍ଚ ପୁଷ୍ପାଞ୍ଜଳି ରାଉତ, ଗଡିଆସାହି ସରପଞ୍ଚ ପ୍ରତିମା ଆଚାର୍ଯ୍ୟ ଓ ବଳଭଦ୍ରପ୍ରସାଦ ସରପଞ୍ଚ ବାସୁଦେବ ନାୟକଙ୍କୁ ମନୋନୀତ କରାଯାଇଛି ।

# ଉଦ୍‌ଘାଟନର ୪ ବର୍ଷ ପରେ ବି ତାଲା ଝୁଲୁଛି

ନୟାଗଡ଼ ଅଫିସ,୭।୬

**ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟ ଅଲୋଡ଼ା**



ନୟାଗଡ଼ ପର୍ଯ୍ୟଟନ କାର୍ଯ୍ୟାଳୟ ଉଦ୍‌ଘାଟନ ପର ଠାରୁ ୪ ବର୍ଷ ହେଲା ତାଲା ପଡ଼ି ରହିଛି । ସମ୍ପୃକ୍ତ କାର୍ଯ୍ୟାଳୟକୁ ଠିକାଦାର ଏ ପର୍ଯ୍ୟନ୍ତ ହସ୍ତାନ୍ତର କରି ନ ଥିବା କୁହାଯାଇଛି। ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ନୟାଗଡ଼ ପୋଲିସ ପ୍ରଶିକ୍ଷଣ କେନ୍ଦ୍ର ନିକଟରେ ସ୍ଥାପିତ ଏହି କାର୍ଯ୍ୟାଳୟକୁ ୨୦୧୯ରେ ନୟାଗଡ଼ ବିଧାୟକ ଡ.ଅରୁଣ କୁମାର ସାହୁ ଏବଂ ତତ୍କାଳୀନ ଜିଲାପାଳ ଏନ.ଥିରୁମାଳା ନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା ।




ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ଆଇସିୟୁରେ ଝୁଲୁଥିବା ତାଲା ବହୁ ଦିନରୁ ପଡ଼ିଛି ।



ଦଶପଲ୍ଲା ବ୍ଲକ ଗେରାପାକୁର ଜଣେ ଆଦିବାସୀ ମହିଳା ଆମ୍ବ ଟାକୁଆର କୋଇଲିକୁ ବିକ୍ରି ଉଦ୍ଦେଶ୍ୟରେ ଶୁଖାଇଛନ୍ତି ।



ଦଶପଲ୍ଲା ବ୍ଲକ ବଙ୍କତଳା ଗାଁ ର ଜଣେ ମହିଳା ଅଡ଼ଙ୍ଗା ଗଛରୁ ଶାଗ ସଂଗ୍ରହ କରୁଛନ୍ତି ।

# ଯାଜପୁର-କେନ୍ଦୁଝର ରୋଡ୍ ଷ୍ଟେଶନରେ ଦୁର୍ଘଟଣା ପରର ଦୃଶ୍ୟ


ଶ୍ରମିକମାନଙ୍କ ଉପରେ ମାଲବୋଝେଇ ଟ୍ରେନ୍ ବଗି ମାଡ଼ିଯିବା ଖବର ପାଇ ବିଭିନ୍ନ ଅଞ୍ଚଳର ଲୋକେ ଷ୍ଟେଶନକୁ ଧାଇଁ ଆସିଛନ୍ତି ।


ଜଣେ ଗୁରୁତରଙ୍କୁ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ନିଆଯାଉଛି ।


ଦୁର୍ଘଟଣାରେ ସମ୍ପର୍କୀୟଙ୍କୁ ହରାଇଥିବା ଜଣେ ବ୍ୟକ୍ତି ଦୁଃଖରେ ମର୍ମାହତ ହୋଇପଡ଼ିଛନ୍ତି ।

## ଟ୍ରାକ୍ଟର ଓଲଟି ଜଣେ ମୃତ, ୫ ଗୁରୁତର

**ଚଣ୍ଡିଖୋଲ,୭।୬(ଡି.ଏନ.ଏ.):**

### ରେଳ ପ୍ରକଳ୍ପରୁ କାମ ସାରି ଫେରିବାବେଳେ ଦୁର୍ଘଟଣା

ଯାଜପୁର ଜିଲା ବଡ଼ଚଣା ଥାନା ଅନ୍ତର୍ଗତ ଚଣ୍ଡିଖୋଲ ନିକଟ ସୁଭଦ୍ରାପୁରଠାରେ ରେଳଧାରଣାରେ କାମ ସାରି ଶ୍ରମିକମାନେ ଟ୍ରାକ୍ଟରରେ ବସି ଫେରୁଥିବାବେଳେ ଦୁର୍ଘଟଣା ଘଟିଛି। ବୁଧବାର ସନ୍ଧ୍ୟାରେ ଟ୍ରାକ୍ଟର ଓଲଟି ପଡ଼ିବାରୁ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୫ ଜଣ ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ମୃତ ଓ ଗୁରୁତରଙ୍କ ପରିଚୟ ମିଳି ପାରିନାହିଁ। ପୋଲିସ ଟ୍ରାକ୍ଟରକୁ ଜବତ କରି ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ପୂର୍ବତଟ ରେଳପଥର ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁଥିଲା। ଏଥିରେ ନିୟୋଜିତ ଶ୍ରମିକଙ୍କୁ ଏକ ଟ୍ରାକ୍ଟର ନଂ.(ଓଡି-୧୩-ଜି -୮୯୯୨)ନଂ.


ଓଲଟି ପଡ଼ିଥିବା ଟ୍ରାକ୍ଟର।

ଯୋଗେ ରେଳ ପ୍ରକଳ୍ପ କାର୍ଯ୍ୟ କରୁଥିବା ଠିକାଦାର ପଠାଇଥିଲେ। ଏଥିସହିତ ଟ୍ରାକ୍ଟରେ କିଛି ଯନ୍ତ୍ରାଂଶ ମଧ୍ୟ ରହିଥିଲା। ସେହି ଯନ୍ତ୍ରାଂଶ ଉପରେ ବସି ଶ୍ରମିକମାନେ ଧାନମଣ୍ଡଳ ନିକଟକୁ ଫେରୁଥିଲେ। ଏହି ସମୟରେ ଟ୍ରାକ୍ଟରଟି ଖୋସାଲିପୁର ନିକଟରେ ରାସ୍ତା କଡ଼କୁ ଓଲଟି ପଡ଼ିଥିଲା। ଫଳରେ ଟ୍ରାକ୍ଟର ଡାଲାରେ ବସିଥିବା ଶ୍ରମିକମାନେ ଡାଲା ତଳେ ଚାପି ହୋଇ ଯାଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତରଙ୍କୁ କଟକ ପଠାଇ ଦେଇଥିଲେ। ବଡ଼ଚଣା ପୋଲିସ ଟ୍ରାକ୍ଟରକୁ ଜବତ କରି ଥାନାକୁ ଆଣିଛି। ମୃତକ କିମ୍ବା ଆହତଙ୍କ ଠିକ୍‌ରେ ପରିଚୟ ମିଳି ପାରିନାହିଁ ବୋଲି ବଡ଼ଚଣା ଥାନା ଭାରପ୍ରାପ୍ତ ଥାନାଧିକାରୀ ପ୍ରଦୀପ୍ତ କୁମାର କାନୁନଗୋ କହିଛନ୍ତି। ତେବେ ସମସ୍ତେ କେନ୍ଦୁଝର ଜିଲା ଅଞ୍ଚଳର। ଏଠାକୁ ଆସି ଶ୍ରମିକ ଭାବେ କାର୍ଯ୍ୟ କରନ୍ତି। ତାଙ୍କ ପରିବାର ନିକଟକୁ ଖବର ପଠାଯାଇଛି। ସେମାନେ ଆସି ପହଞ୍ଚିଲେ ପ୍ରକୃତ ପରିଚୟ ମିଳିବ ବୋଲି ସେ ପ୍ରକାଶ କରିଛନ୍ତି।

## ଭାଇ ମୃତ, ଭଉଣୀ ଗୁରୁତର

**ପାରାଦୀପ,୭।୬(ସ୍ୱ.ପ୍ର.)**

### ଗଛରେ ପିଟିହେଲା ବାଇକ୍

ପାରାଦୀପ ତୈଳ ବିଶୋଧନାଗାର ଟାଉନଶିପ ସମ୍ମୁଖ ରାସ୍ତାରେ ବୁଧବାର ମଧ୍ୟାହ୍ନରେ ଏକ ଗଛରେ ବାଇକ୍ ପିଟି ହୋଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଭଉଣୀ ଗୁରୁତର ହୋଇଛନ୍ତି। ମୃତକ ହେଲେ ପାରାଦୀପ ଲକ୍‌ଥାନା ଅନ୍ତର୍ଗତ ଚାନ୍ଦିନୀ ଗ୍ରାମର ହରେକୃଷ୍ଣ ରାୟଙ୍କ ପୁତ୍ର ମୃତ୍ୟୁଞ୍ଜୟ (୨୦)। ଗୁରତର ଜଣକ ହେଲେ ତାଙ୍କ ସାନ ଭଉଣୀ କାଞ୍ଚନ। ସେ ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ରୀ ହୋଇଥିବାବେଳେ ଇଫ୍‌କୋ ଛକରେ ଥିବା ଏକ କୋଚିଂରେ ସେଣ୍ଟରରେ ଟ୍ୟୁସନ୍ ହେଉଥିଲେ। ବୁଧବାର କାଞ୍ଚନ ସେଠାକୁ ପଢ଼ିବାକୁ ଯାଇଥିଲେ। କ୍ଲାସ ସରିବା ପରେ ଭାଇ ମୃତ୍ୟୁଞ୍ଜୟ ଏକ ବାଇକ୍ ଯୋଗେ ତାଙ୍କୁ ନେଇ ଘରକୁ ଫେରୁଥିଲେ। ତୈଳ ବିଶୋଧନାଗାର ଟାଉନଶିପ ସମ୍ମୁଖରେ ଅସାବଧାନତା ଯୋଗୁ ବାଇକଟି ରାସ୍ତା କଡ଼ ଗଛରେ ବାଡେଇ ହୋଇଯାଇଥିଲା। ଫଳରେ ଉଭୟ ଭଉଣୀ ଓ ଭାଇ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ତୈଳ ବିଶୋଧନାଗାର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ମୃତ୍ୟୁଞ୍ଜୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। କାଞ୍ଚନଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତର କରାଯାଇଛି। ଘଟଣାପରେ ଲକ୍ ଥାନା ପୋଲିସ ପହଞ୍ଚି ବାଇକ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ସମ୍ପର୍କରେ ଅପମୃତ୍ୟୁ ମାମଲା (ନଂ.୨୨୯/୨୩) ରୁଜୁ ହୋଇଛି।

## ପୁରୁଷୋତ୍ତମଙ୍କ ପତ୍ତା ମିଳୁନାହିଁ

### ବାହାନଗା ଟ୍ରେନ୍ ଦୁର୍ଘଟଣା

**ରାଜକନିକା,୭।୬(ଡି.ଏନ.ଏ.)**

ଗତ ୨ତାରିଖ ସନ୍ଧ୍ୟାରେ ବାହାନଗା ଟ୍ରେନ ଦୁର୍ଘଟଣାରେ ରାଜକନିକା ବ୍ଲକ ଏଣ୍ଡୁଳାପୁର ଗ୍ରାମର ପୁରୁଷୋତ୍ତମ ମହାନ୍ତି ନିଖୋଜ ଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଘଟଣା ଦିନ ପୂର୍ବାହ୍ନ ୧୦ଟା ୪୦ମିନିଟରେ ପୁରୁଷୋତ୍ତମ ଗାଁରୁ କୋଲକାତା ଅଭିମୁଖେ ବାହାରି ଭଦ୍ରକରେ ପହଞ୍ଚି ଯଶୋବନ୍ତପୁର ହାୱଡା ଏକ୍ସପ୍ରେସରେ ଷ୍ଟେଶନରୁ ଯାତ୍ରା ଆରମ୍ଭ କରିଥିଲେ। ସେଦିନ ସନ୍ଧ୍ୟାରେ ଟ୍ରେନ ଦୁର୍ଘଟଣା ହେବାପରେ ତାଙ୍କର କୌଣସି ପତ୍ତା ମିଳୁନାହିଁ। ତାଙ୍କ ମୋବାଇଲକୁ ପରିବାର ଲୋକେ ବାରମ୍ବାର କଲ କରିଥିଲେ ବି କୌଣସି ଉତ୍ତର ମିଳୁ ନ ଥିବା ପରିବାର ପକ୍ଷର ଅଭିଯୋଗ କରାଯାଇଛି । ୩ ତାରିଖ ମଧ୍ୟାହ୍ନ ୧୨ଯାଏଁ ମୋବାଇଲ


ପୁରୁଷୋତ୍ତମ ମହାନ୍ତି

ରିଙ୍ଗ ହେଉଥିଲା, ହେଲେ ପରେ ଫୋନ ସୁଇଚଅଫ୍ ହୋଇଯାଇଥିବା ତାଙ୍କ ସମ୍ପର୍କୀୟ ବିଶ୍ୱରଞ୍ଜନ କରଣ କହିଛନ୍ତି। ସେବେଠାରୁ ପୁରୁଷୋତ୍ତମଙ୍କ କୌଣସି ସନ୍ଧାନ ମିଳିନାହିଁ । ଏମସ୍ ଭୁବନେଶ୍ୱର, ବାଲେଶ୍ୱର ହସ୍ପିଟାଲ ସହ କୋଲକାତାର ବିଭିନ୍ନ ହସ୍ପିଟାଲ ଖୋଜିବା ପରେ ମଧ୍ୟ ତାଙ୍କର ପତ୍ତା ମିଳିନାହିଁ । ଏଥିପାଇଁ ପୁରୁଷୋତ୍ତମଙ୍କ ବାପା ଭାବଗ୍ରାହୀ ମହାନ୍ତି (୭୨) ନିଜ ତରଫରୁ ଡିଏନଏ ଟେଷ୍ଟ ପାଇଁ ରକ୍ତ ଦେଇଥିବା ସୂଚନା ମିଳିଛି ।

## 'କିଛି ଯନ୍ତ୍ରଣା ଅବ୍ୟକ୍ତ ହୋଇ ରହିଯାଏ'

**କେନ୍ଦ୍ରାପଡ଼ା ଅଫିସ,୭।୬**

### କବିତା ସଙ୍କଳନ ଅବ୍ୟକ୍ତ ଅକ୍ଷର ଉନ୍ମୋଚିତ

କେନ୍ଦ୍ରାପଡ଼ା ଜିଲାପାଳ ଅମୃତ ଋତୁରାଜଙ୍କ ପ୍ରଥମ କବିତା ସଙ୍କଳନ ବ୍ଲାକ୍ ଇଗଲ ବୁକ୍ସ ଦ୍ୱାରା ପ୍ରକାଶିତ ଅବ୍ୟକ୍ତ ଅକ୍ଷର ବୁଧବାର ଉନ୍ମୋଚିତ ହୋଇଛି । ଉଦୟନଗରସ୍ଥ ଜିଲା ସଂସ୍କୃତିଭବନରେ ଉନ୍ମୋଚିତ ଏହି ସଙ୍କଳନ ଜିଲାପାଳ ଅମୃତ ଋତୁରାଜଙ୍କ ଏକ ଦରଦୀ ମନକୁ ଦର୍ଶାଇଛି ବୋଲି ଅତିଥିମାନେ କହିଛନ୍ତି। ଅପରପକ୍ଷେ କବିତା ସଙ୍କଳକ ଜିଲାପାଳ ଅମୃତ ଋତୁରାଜ କହିଛନ୍ତି, ସବୁ ଯନ୍ତ୍ରଣାର ସମାପ୍ତି ନାହିଁ। କିଛି ଯନ୍ତ୍ରଣା ଅବ୍ୟକ୍ତ ହୋଇ ରହିଯାଏ। ତାହା ଏହି କବିତା ମାଧ୍ୟମରେ ଉତାରିବାକୁ ଚେଷ୍ଟା କରାଯାଇଛି । କେନ୍ଦ୍ରାପଡ଼ା ଜିଲା ସାହିତ୍ୟ ପରିଷଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ


ପୁସ୍ତକ ଉନ୍ମୋଚନ ଉତ୍ସବରେ ଜିଲାପାଳ ଓ ଅନ୍ୟମାନେ ।

ବିଶିଷ୍ଟ କବି ଡ. ଫନୀ ମହାନ୍ତି ଉଦ୍‌ଘାଟନ କରିଥିଲେ । ଗାଳ୍ପିକ ପ୍ରଫେସର ଅତୁଲ ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ଉପସଭାପତି ଡ. ସଂଗ୍ରାମ ଜେନା, ମୁଖ୍ୟବକ୍ତା କବି ଡ. ଅପର୍ଣ୍ଣା ମହାନ୍ତି, ସମ୍ମାନୀତ ଅତିଥି କବି ଡ. ଦିଲିପ ସ୍ୱାଇଁ ଯୋଗ ଦେଇଥିଲେ । ସାତଭାୟାର ବିସ୍ଥାପନ ଚିତ୍ର ଓ ଚରିତ୍ର ଉପରେ ଆଧାରିତ କବିତାକୁ ଅତିଥିମାନେ ପ୍ରଶଂସା କରିଥିଲେ । ପ୍ରଥମ କବିତା ସଙ୍କଳନରେ ଜଣେ ପ୍ରଶାସନିକ ଅଧିକାରୀଙ୍କ ଦରଦୀ ଭାବ ପ୍ରଦର୍ଶିତ ହେବା ସହ କବିତାରେ ମାନବୀୟ ସ୍ପର୍ଶ ଅଧିକ ରହିଥିବା ସେମାନେ ପ୍ରକାଶ କରିଥିଲେ। କବିତା ସଙ୍କଳନ ଉନ୍ମୋଚନ ସମୟରେ ଉପଜିଲାପାଳ ନିରଞ୍ଜନ ବେହେରା ଉପସ୍ଥିତ ଥିଲେ । ପ୍ରାରମ୍ଭରେ ସମ୍ପାଦକ ସରୋଜ କୁମାର ମହାନ୍ତି କବିତା ସଙ୍କଳନ ସମ୍ପର୍କରେ ସମକ୍ୟ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ କବି ନବଜ୍ୟୋତି ରାୟ ସଂଯୋଜନା କରିଥିଲେ ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ନିରୁପମା


@ ବିମଳ


@ ଦିଲୀପ


@ ସୁକାନ୍ତ


@ ସୁଭେନ୍ଦ୍ର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## କଳାପଥର ପାହାଡ଼ରେ ୧୪୪ ଧାରା

**ଚଢ଼େଇଧରା,୭।୬(ଡି.ଏନ.ଏ.):**

ଧର୍ମଶାଳା ତହସିଲ ଅଧୀନ ବିଭିନ୍ନ କଳାପଥର ସଇରାତ ଉପରେ ତହସିଲ ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇ ନାଲି ପତାକା ମରାଯାଇଛି। ପ୍ରଶାସନର ଏକ ମିଳିତ ଦଳ ତହସିଲଦାର ସ୍ୱାଗତ ଦାସଙ୍କ ତତ୍ତ୍ୱାବଧାନରେ ଆସି ପୋଲିସ ସାହାଯ୍ୟରେ ଲୁଣିବେର, ବିଛାଖଣ୍ଡି, ଡଙ୍କାରୀ, ରହାଡ଼ପୁର, କୁସୁନପୁର ଓ ଅଞ୍ଜିରା ମୌଜାର ବିଭିନ୍ନ ସଇରାତରେ ୧୪୪ ଧାରା ଜାରି କରିଛନ୍ତି। କିଛି ଦିନ ପୂର୍ବରୁ ଏହି ତହସିଲ ଅଧୀନରେ ଥିବା ଲୁଣିବେର ପାହାଡ଼ରେ ବେଆଇନ ଖନନ ବେଳେ ଦୁର୍ଘଟଣା ଘଟି ଦୁଇ ଜଣଙ୍କ ପ୍ରାଣହାନୀ ହୋଇଥିଲା।। ଆଗକୁ ଏହିଭଳି ଦୁର୍ଘଟଣାକୁ ଏଡାଇବା ପାଇଁ ପ୍ରଶାସନ ଏଭଳି ପଦକ୍ଷେପ ଗ୍ରହଣ କରିଥିବା ଆଲୋଚନା ହେଉଛି। ପ୍ରଶାସନର ଏଭଳି ପଦକ୍ଷେପ ପରେ ଚୋରା କାରବାର କରୁଥିବା ମାଫିଆ ଭୟଭୀତ ହେବେ, ଏଥିରେ ସନ୍ଦେହ ନାହିଁ।



# ବଦଳାଯାଉନି ପୁରୁଣା ପାଇପ୍

**ନୟାଗଡ଼ ଅଫିସ,୭।୬**

ନୟାଗଡ଼ ମେଗା ପାନୀୟ ଜଳପ୍ରକଳ୍ପ କାର୍ଯ୍ୟରେ ନୟାଗଡ଼ ସହରର ବିଭିନ୍ନ ସ୍ଥାନରେ ନୂଆ ପାଇପ୍ ବଦଳରେ ପୁରୁଣା ପାଇପ୍ ପକା ଯାଉଥିବା ଅଭିଯୋଗ ଉଠିଛି । ସାଧାରଣତଃ ଜଙ୍କସନ ସ୍ଥାନରେ ଏପରି ଅନିୟମିତତା କରାଯାଉଛି । ନୟାଗଡ଼ ସହରର ଯଯାଙ୍ଗିସାହି ମଙ୍ଗଳା ମନ୍ଦିର, ଯଦୁମଣି ନଗର, ମଧୁସୂଦନ ନଗର ପରି ଅନେକ ସ୍ଥାନରେ ପୁରୁଣା ପାଇପ୍ ପକାଇ ଅନିୟମିତତା ଚାଲିଛି । ସେହିଭଳି ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ ସହରର ଗଳି କନ୍ଦି ରାସ୍ତାଠାରୁ ଆରମ୍ଭ କରି ସବୁ ସ୍ଥାନ ୩ରୁ ୪ମାସ ହେଲା ପାଇପ୍ ପଡି ସାରିଲାଣି । ପାଇପ୍ ପଡି ସାରିବା ପରେ ମାଟି ପକାଇ ଉଚ୍ଚା କରି ରଖା ଯାଇଛି । ରାସ୍ତା ଉପରେ ସିମେଣ୍ଟ ଅଥବା ମାଟି ପଡୁ ନ ଥିବାରୁ ସହରର ବିଭିନ୍ନ ରାସ୍ତା ମରଣଯନ୍ତା ପାଲଟିଛି । ପୁଣି ରାସ୍ତା ମରାମତି ଠିକ୍‌ରେ ହେଉ ନ ଥିବା ଅଭିଯୋଗ ଉଠିଛି । ନୟାଗଡ଼ ପୁରୁଣା ସହରର ପୁରୁଣା ରାଜବାଟି ସାହିକୁ ପଡ଼ିଥିବା ରାସ୍ତା କଡରେ ଅନେକ ସ୍ଥାନରେ ଡ୍ରେନ ଭାଙ୍ଗି ଯାଇଛି । ହେଲେ ଏହାକୁ ମରାମତି କରାଯାଉନି । ପାଇପ୍ ବିଛାଇବା କାର୍ଯ୍ୟ, ରାସ୍ତା ଖନନ ଓ ମରାମତି କାମ ଓ ରାସ୍ତା ମରାମତି ବେଳେ ଉଚ୍ଚ କୋଟିର କାମ କରିବାକୁ ଜିଲା ପରିଷଦ ବୈଠକ, ରଥଯାତ୍ରା ପ୍ରସ୍ତୁତି ବୈଠକ, ନୟାଗଡ଼ ନିର୍ବାଚନମଣ୍ଡଳୀର ବୈଠକ ପରି ବିଭିନ୍ନ ବୈଠକରେ ଆଲୋଚନା ହେଉଥିଲେ ମଧ ଏହାକୁ ଅଣଦେଖା କରାଯାଉଥିବା ଅଭିଯୋଗ ଉଠିଛି । ଏଭଳିସ୍ଥଳେ କେବଳ ରାସ୍ତାକୁ କାମ ଚଳା ନୀତିରେ ମରାମତି କରାଯାଇଥିବାରୁ ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠିଛି । ସେହିପରି ଜଗନ୍ନାଥ ମନ୍ଦିରଠାରୁ ଡିଆରଡିଏ ରୋଡର ହାତିଆ ଶିଳା ମଠ ନିକଟସ୍ଥ କଲଭର୍ଟ ପାଖରେ କଂକ୍ରିଟ ରାସ୍ତାରେ ପାଇପ୍ ଯାଇଥିଲେ ମଧ୍ୟ ରାସ୍ତାକୁ ମରାମତି ନ କରି ବିପଦସଙ୍କୁଳ ଭାବେ ଛାଡି ଦିଆଯାଇଛି । ଏଠାରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି । ପୁଣି ପିଚୁ ଓ ସମେଣ୍ଟ କଂକ୍ରିଟ ପରି ରାସ୍ତା ଉପରେ ପାଇପ୍ ପଡିଥିବା ଅଂଶରେ ମାଟି ଗଦା ରହିଥିଲେ ମଧ ଏହାକୁ ତୁରନ୍ତ ସଫେଇ ନ କରି ପିଚୁ ଅଥବା ସିମେଣ୍ଟ କରାଯାଉନି । କାମର କଚ୍ଛପ ଗତି ଯୋଗୁ ସହରବାସୀ ନର୍କ ଯନ୍ତ୍ରଣା ଭୋଗୁଛନ୍ତି । ଏପରି କି ଦୁର୍ଘଟଣା ବଢୁଛି । ଏହାର ନିରାକରଣ କରିବାକୁ ଦାବି ହେଉଛି । ଏନେଇ ନୟାଗଡ ଜନସ୍ୱାସ୍ଥ୍ୟ ସବ୍‌ଡିଭିଜନର ସହକାରୀ ନିର୍ବାହୀଯନ୍ତ୍ରୀ ଦୁର୍ଯ୍ୟୋଧନ ସାହୁ କୁହନ୍ତି, ସବୁଆଡେ ନୂଆ ପାଇପ ପଡିବ । ଯଦି କେଉଁଠାରେ ପୁରୁଣା ପାଇପ୍ ପଡୁଛି ଅବଗତ କରାଗଲେ ଏହାର ତଦନ୍ତ କରି ନୂଆ ପାଇପ୍ ପକାଯିବ । କାମ ଶୀଘ୍ର ଶେଷ କରିବାକୁ ପ୍ରଚେଷ୍ଟା ଜାରି ରହିଛି । ସହରର ବିଭିନ୍ନ ରାସ୍ତା ମରାମତି ଚାଲିଛି । କିଛି ଦିନ ଭିତରେ ସେହି କାମ ଶେଷ ବୋଲି କହିଛନ୍ତି ।





ଯଯାଙ୍ଗିସାହିରେ ଏକ ପୁରୁଣା ପାଇପ୍ ସହ ନୂଆ ପାଇପ୍ ସଂଯୋଗ କରାଯାଇଛି । ରାସ୍ତା ମରାମତି କାମ ଅଧାରେ ଅଟକିଛି ।

**ନୟାଗଡ଼ ମେଗା ପାନୀୟଜଳ ପ୍ରକଳ୍ପ**

- ଖୋଳାଯାଇଥିବା ରାସ୍ତା ଠିକ୍ ଭାବେ ମରାମତି ହେଉନି
- ରାସ୍ତା ମରାମତି କାମ କଚ୍ଛପ ଗତିରେ ଚାଲିଛି

## ସଂକ୍ଷେପରେ

### ନିର୍ଯାତନା ଅଭିଯୋଗରେ ସ୍ୱାମୀ ଗିରଫ

**ଆସିକା,୭।୬(ଡି.ଏନ.ଏ):** ସ୍ତ୍ରୀଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗରେ ଅଭିଯୁକ୍ତ ସ୍ୱାମୀଙ୍କୁ ଗାଙ୍ଗପୁର ଥାନା ପୋଲିସ ବୁଧବାର ଗିରଫ କରିଛି । ସେ ହେଲେ ବାଙ୍ଗରଡା ଗ୍ରାମର ଶ୍ୟାମ ସେଠୀ । ତାଙ୍କୁ ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି । ପ୍ରଥମ ସ୍ତ୍ରୀଙ୍କ ବିୟୋଗ ପରେ ଶ୍ୟାମ ଦ୍ୱିତୀୟ ବିବାହ କରିଥିଲେ । ତାଙ୍କର ଦୁଇଟି ପୁଅ ଝିଅ । ଏଭଳିସ୍ଥଳେ ପ୍ରାୟ ଏକ ବର୍ଷ ହେବ ସେ ଅନ୍ୟ ଜଣଙ୍କୁ ତୃତୀୟ ସ୍ତ୍ରୀ ଭାବେ ଗ୍ରହଣ କରିଥିଲେ । ତୃତୀୟ ସ୍ତ୍ରୀଙ୍କୁ ଶ୍ୟାମ ଶାରିରୀକ ଓ ମାନସିକ ନିର୍ଯାତନା ଦେଉଥିବା ନେଇ ଗାଙ୍ଗପୁର ପୋଲିସରେ ଅଭିଯୋଗ ହୋଇଥିଲା । ପୋଲିସ ନଂ.୪୨୩/୨୩ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି ।

### ଯୌତୁକ ପାଇଁ ନବବଧୂ ହତ୍ୟା ଅଭିଯୋଗ, ସ୍ୱାମୀ ଅଟକ

**ପାତ୍ରପୁର,୭।୬(ଡି.ଏନ.ଏ.):** ପାତ୍ରପୁର ବ୍ଲକ ଜରଡ଼ା ଥାନା ଅନ୍ତର୍ଗତ ଅଭୟପୁର ଗ୍ରାମର ଜଣେ ନବ ବିବାହିତଙ୍କ ମୃତଦେହ ବୁଧବାର ପୋଲିସ ଜବତ କରିଛି । ସେ ହେଲେ ଆନ୍ଧ୍ର ପ୍ରଦେଶ ଇଚ୍ଛାପୁର ଥାନା ଅନ୍ତର୍ଗତ କୁଲିଗାଁ ବାସିନ୍ଦା ଡି. ନିଳିମା(୧୯) । ନିଳିମା ଚଳିତ ବର୍ଷ ଫେବୃଆରୀ ମାସ ୨୭ରେ ଅଭୟପୁର ଗ୍ରାମର ଡି. ଅନନ୍ତଙ୍କୁ ବିବାହ କରିଥିଲେ । ବିବାହର ମାତ୍ର ତିନିମାସ ପୁରିଥିବା ବେଳେ ନିଳିମା'ଙ୍କ ମୃତ୍ୟୁକୁ ନେଇ ତାଙ୍କ ପରିବାର ଲୋକେ ପୁଅଘର ଲୋକଙ୍କ ଉପରେ ଯୌତୁକ ନିର୍ଯାତନା ଦାବି କରି ହତ୍ୟା କରିଥିବା ଅଭିଯୋଗ ଆଣିଛନ୍ତି । ଏ ନେଇ ପୋଲିସ ମୃତ ମହିଳାଙ୍କ ସ୍ୱାମୀ ଅନନ୍ତଙ୍କୁ ଜରଡ଼ା ଥାନାରେ ଅଟକ ରଖି ପଚରା ଉଚୁରା ଚଳାଇଛି ।

# ରାବଣ ବଧ ପରେ ରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ



ଶ୍ରୀରାମଙ୍କ ରାଜ୍ୟାଭିଷେକ ଉତ୍ସବରେ ଅଂଶଗ୍ରହଣ କରିଥିବା କଳାକାର ।

## ମାଧବ ଚୌଧୁରୀ ପାଟଣା ରାମଲୀଳା ଉଦ୍‌ଯାପିତ

**ଖଣ୍ଡପଡ଼ା,୭।୬ (ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ମାଧବ ଚୌଧୁରୀ ପାଟଣା ଗ୍ରାମର ଶ୍ରୀରଘୁନାଥ ଜୀଉ ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ଗତ ୨ ତାରିଖଠାରୁ ଚାଲିଥିବା ରାମଲୀଳା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । ଦର୍ଶକମାନଙ୍କ ମନୋରଞ୍ଜନ ପାଇଁ ରାତ୍ର ୧୧ଟା ସମୟରେ ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରାଣକୃଷ୍ଣ ମହାରଣା, ଆଶିଷ କୁମାର ମିଶ୍ର ଓ ଅତିଥି କଳାକାର ମାଷ୍ଟର ରାଜାଙ୍କ ଦ୍ୱାରା ପରିବେଷିତ ଭକ୍ତି ପୁଷ୍ପାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପରେ ସୀତା ଠାକୁରାଣୀଙ୍କୁ ଉଦ୍ଧାର କରିବା ଲକ୍ଷ୍ୟରେ ଶ୍ରୀରାମ, ଲକ୍ଷ୍ମଣ, ହନୁମାନ ବାନର ଅଷ୍ଟସେନା ସହ ଲଙ୍କାକୁ ଯୁଦ୍ଧଯାତ୍ରା କରିଥିଲେ । ରାବଣଙ୍କ ଭାଇ ବିଭିଷଣଙ୍କ ନିକଟରୁ ରାବଣଙ୍କ ପରିବାରର ସମସ୍ତ ସଦସ୍ୟଙ୍କ ମୃତ୍ୟୁର ଉପାୟ ସମ୍ପର୍କରେ ତଥ୍ୟ ସଂଗ୍ରହ କରି ରାବଣ ବଂଶର ବହୁ ଅସୁରଙ୍କୁ ନିପାତ କରିଥିଲେ । ମଙ୍ଗଳବାର ମଞ୍ଚସ୍ଥ ନାଟକରେ ଇନ୍ଦ୍ରଜିତଙ୍କ ପୁଅ ମହିରାବଣ ରାମ ଓ ଲକ୍ଷ୍ମଣଙ୍କୁ କଳେବଳେ କୌଶଳରେ ବଧ କରିବାକୁ ସଂକଳ୍ପ କରିଥିଲେ । ମହିରାବଣ ମାୟା ବଳରେ ନିଜକୁ ଅଦୃଶ୍ୟ କରି ସୁବଳୟା ପର୍ବତରେ ଅବସ୍ଥାନ କରିଥିବା ହନୁମାନଙ୍କ ଅଷ୍ଟସେନାରେ ସାମିଲ ହୋଇଥିଲେ । ଏହା ପରେ ଅଷ୍ଟସେନା ସମେତ ରାମ ଲକ୍ଷ୍ମଣଙ୍କୁ ନିଦ୍ରାରେ ମୋହିତ କରାଇ ଦୁଇଭାଇଙ୍କୁ ସେଠାରୁ ଚୋରାଇ ଆଣି ପାତାଳପୁରୀର ଏକ ପଥର ଗୁମ୍ଫାରେ ନରବଳି ଦେବା ପାଇଁ ରଖି ଥିଲେ । ତେବେ ସୀତାଙ୍କ ଅଶ୍ରୁରୁ ତାରା,ତାରିଣୀ ଦେବୀ ସୃଷ୍ଟି ହୋଇ ରାମ,ଲକ୍ଷ୍ମଣଙ୍କୁ ସୁରକ୍ଷା ଦେଇଥିଲେ । ଦେବୀଙ୍କ ପାଖରେ ରାମ,ଲକ୍ଷ୍ମଣଙ୍କୁ ନରବଳି ଦେବାକୁ ଉଦ୍ୟତ ହେଉଥିବା ବେଳେ ମାୟାବୀ ମହିରାବଣଙ୍କୁ ୨ଭାଇ ବଧ କରିଥିଲେ । ପରେ ରାବଣଙ୍କୁ ବଧ କରି ଅଶୋକ ବାଟିକାରୁ ସୀତାଙ୍କୁ ଉଦ୍ଧାର କରିଥିଲେ । ବିଭୀଷଣଙ୍କୁ ଲଙ୍କାରେ ରାଜା କରାଇ ସ୍ତ୍ରୀ ଓ ଭାଇଙ୍କ ସହ ରାମଚନ୍ଦ୍ର ଅଯୋଧ୍ୟାକୁ ଫେରି ଆସିଥିଲେ । ସେଠାରେ ରାମଙ୍କ ରାଜ୍ୟାଭିଷେକ ଅନୁଷ୍ଠିତ ହୋଇଥିଲା । ମଞ୍ଚସ୍ଥ ନାଟକରେ ରାମ, ଲକ୍ଷ୍ମଣ ଓ ସୀତା ଭୂମିକାରେ ବିଶ୍ୱନାଥ କର, ପପୁନ ଓ ଓମ୍ ପ୍ରକାଶ ଅଭିନୟ କରିଥିବା ବେଳେ ହନୁମାନ, ରାବଣ, ବିଭୀଷଣ, ନିଦ୍ରାବତୀ, ମକରଧ୍ୱଜ, ତ୍ରିଜଟା, ତାରା, ତାରିଣୀ, ହନୁମାନ ଓ ମହିରାବଣ ଭୂମିକାରେ ଯଥାକ୍ରମେ କଳାକାହ୍ନୁ ମହାରଣା, ଶିଶିର, ଜୟ, ସଞ୍ଜୟ,ଲିପୁ, ପ୍ରକାଶ, ମିଥୁନ, ଚିତ୍ତରଞ୍ଜନ ମହାରଣା ଓ ରମାକାନ୍ତ ମହାରଣା ପ୍ରମୁଖ ଅଭିନୟ କରିଥିଲେ ।

## ଅପହରଣକୁ ନେଇ ଉତ୍ତେଜନା

### ଭାଜପା ନେତ୍ରୀଙ୍କୁ ଫସାଇବାକୁ ଚକ୍ରବ୍ୟୂହ

**ନୟାଗଡ଼ ଅଫିସ, ୭।୬**

ନୟାଗଡଡ଼ଜିଲା ଇଟାମାଟି ଥାନାର ହରିପୁର ଗାଁରେ ଜଣେ ଭାଜପା କର୍ମୀଙ୍କୁ ବୁଧବାର ବାରବାଟି ଛକଠାରୁ ଅପହରଣ କରି ଡିହଗାଁ ନଦୀ କୂଳରେ ଲୁଚାଇ ରଖିବା ପରେ ଉତ୍ତେଜନା ଦେଖା ଦେଇଥିଲା । ତେବେ ପରବର୍ତ୍ତୀ ପର୍ଯ୍ୟାୟରେ ତାଙ୍କୁ ଛାଡି ଦେଇଥିବା ଜଣାପଡିଛି । ତେବେ ଭାଜପା ନେତ୍ରୀ ତଥା ପୂର୍ବତନ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କ ସମେତ ଅନ୍ୟ କେତେଜଣ ସ୍ଥାନୀୟ ନେତାଙ୍କୁ ଫସାଇବାକୁ ଚକ୍ରବ୍ୟୁହ କରାଯାଉଥିବା ଅଭିଯୋଗ ଉଠିଛି । ଅଭିଯୋଗକାରୀ ନିଜର ନାଁ ପ୍ରକାଶ ନ କରିବାକୁ ଅନୁରୋଧ କରିଥିବାବେଳେ କହିଛନ୍ତି, ହରିପୁର ଗଣ୍ଡଗୋଳ ଘଟଣାରେ ପୂର୍ବତନ ଜିଲା ପରିଷଦ ସଭ୍ୟ ନସିର ଅହମ୍ମଦ, ଭାଜପା ନେତା ସନ୍ତୋଷ ପ୍ରଧାନ ଓ ପୂର୍ବତନ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ କରାଉଛନ୍ତି କହିବାକୁ ବାଧ କରି ଭିଡିଓ ନେଇଛନ୍ତି । ଏପରିକି ଗାଁରେ ଭାଜପା ନେତ୍ରୀ ପ୍ରତ୍ୟୁଷାଙ୍କୁ ଗାଁରେ ପ୍ରବେଶ କରାଇବାର ସୁବିଧା ଦେଇଥିବାରୁ ୫ ଲକ୍ଷ ଟଙ୍କା ଦେବାକୁ କହିଥିଲେ । ମାରପିଟ୍, ଟଙ୍କା ମାଗିବା ଓ ରେକର୍ଡିଂ ନେଇ ନୟାଗଡ ଏସ୍‌ଡିପିଓଙ୍କୁ କହିଥିବା କହିଛନ୍ତି । ଜୀବନ ପ୍ରତି ବିପଦ ଥିବାରୁ ବାଧ ହୋଇ ଶାସକ ଦଳର କର୍ମୀଙ୍କ କଥା ମାନିଗଲି ବୋଲି କ୍ଷୋଭର ସହ କହିଛନ୍ତି । ଏଭଳି ଘଟଣା ଜଣାପଡିବା ପରେ ଅଭିଯୋଗକାରୀଙ୍କ କଥୋପକଥନର ଭିଡିଓ ପ୍ରତ୍ୟୁଷା ନୟାଗଡ ଏସ୍‌ଡିପିଓଙ୍କୁ ପଠାଇ ଘଟଣାର ରହସ୍ୟ ଉନ୍ମୋଚନ କରିବାକୁ ଅନୁରୋଧ କରିଛନ୍ତି ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ନିରୁପମା



@ ବିମଳ



@ ଦିଲୀପ



@ ସୁକାନ୍ତ



@ ଶୁଭେନ୍ଦ୍ର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ ।

# ଟ୍ରେନ୍ ଦୁର୍ଘଟଣାରେ ଆହତଙ୍କ ପାଇଁ ୮୭ ୟୁନିଟ୍ ରକ୍ତ ସଂଗ୍ରହ

**ଓଡଗାଁ, ୭।୬ (ସ୍ୱ.ପ୍ର.)**

ବାହାନଗା ରେଳ ଦୁର୍ଘଟଣାରେ ଆହତଙ୍କ ଚିକିତ୍ସା ପାଇଁ ବହୁ ରକ୍ତ ଆବଶ୍ୟକ ପଡ଼ିଛି । ଏହି ପରିପ୍ରେକ୍ଷୀରେ ବୁଧବାର ଏକ ରକ୍ତଦାନ ଶିବିର ଓଡ଼ଗାଁ ସାମ୍ବାଦିକ ସଂଘ ପକ୍ଷରୁ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଥିଲା । ଏଥିରେ ୮୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି । ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ ଏହି ଶିବିରକୁ ଉଦ୍‌ଘାଟନ କରିଥିବା ବେଳେ ପରିବେଶବିତ୍ ସୁରେଶ ଚନ୍ଦ୍ର ହୋତା, ସାମାଜିକ କର୍ମୀ ଦିବାକର ନାୟକ, ଦାମୋଦର ସାର, ସୂର୍ଯ୍ୟନାରାୟଣ ଚୌଧୁରୀ, ବିଡିଓ ସନ୍ତୋଷ କୁମାର ଜେନା ପ୍ରମୁଖ ଉପସ୍ଥିତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ତହସିଲଦାର ଅନିଲ କୁମାର ଆଚାର୍ଯ୍ୟ, ପୋଲିସ ଅଧିକାରୀଙ୍କ ପରିବାର, ଖବରଦାତାଙ୍କ ସମେତ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ରକ୍ତଦାନ କରିଥିଲେ । କୁରାଳ ଆୟୁଷ ଡାକ୍ତର ରାମ ପ୍ରସାଦ ସାହୁ ଓ ନୟାଗଡ଼ ବ୍ଲଡ଼ ବ୍ୟାଙ୍କ ଅଧିକାରୀ ଅଜୟ ପଟ୍ଟନାୟକ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ସହଯୋଗୀଙ୍କ ସହାୟତାରେ ରକ୍ତ ସଂଗ୍ରହ କରିଥିଲେ । ସଂଗୃହିତ ରକ୍ତ ବାଲେଶ୍ୱର, କଟକ ଓ ଏମ୍ସରେ ଚିକିତ୍ସାଧୀନ ଥିବା ବାହାନଗା ପୀଡିତଙ୍କ ନିମନ୍ତେ ନୟାଗଡ଼ ରେଡ଼କ୍ରସ ରକ୍ତ ଭଣ୍ଡାର ଜରିଆରେ ଯୋଗାଇ ଦିଆଯିବ ।



ଶିବିରରେ ଜଣେ ବ୍ୟକ୍ତି ରକ୍ତଦାନ କରୁଛନ୍ତି ।

# ଟେନଶନ ବଢ଼ାଉଛି ହରିପୁର ଗୋଷ୍ଠୀ ବିବାଦ

**ନୟାଗଡ଼ ଅଫିସ,୭।୬**

- ନ୍ୟାୟ ପାଉ ନାହାନ୍ତି ଅଭିଯୋଗକାରୀ
- ପୋଲିସ ମୁତୟନ ସତ୍ତ୍ୱେ ଥମୁନି ଉତ୍ତେଜନା

ନୟାଗଡ଼ ଜିଲା ଇଟାମାଟି ଥାନାର ହରିପୁର ଗାଁରେ ଗତ ୪ ତାରିଖରେ ଗୋଷ୍ଠୀ ସଂଘର୍ଷ ପରେ ବିବାଦ ବଢ଼ି ଚାଲିଛି । ଗାଁରେ ୧ ପ୍ଲାଟନ୍ ଫୋର୍ସ ମୁତୟନ ଥିବାବେଳେ ଏସ୍‌ପି ଓ ଏସ୍‌ଡିପିଓ ଏହାର ସମୀକ୍ଷା କରୁଥିଲେ ମଧ ଅଭିଯୋଗକାରୀ ନ୍ୟାୟ ପାଉ ନ ଥିବା ଅଭିଯୋଗ ହେଉଛି । ଗାଁରେ ମାରପିଟ୍ ସହ ନିର୍ଯାତନା ବଢୁଥିବାବେଳେ ପୋଲିସର ଅସହଯୋଗ ଅଭିଯୋଗକାରୀଙ୍କୁ ଅଭିଶପ୍ତ ଜୀବନଯାପନ କରିବାକୁ ବାଧ କରାଉଛି ବୋଲି ଅଭିଯୋଗ ହୋଇ ଆସୁଛି । ଗାଁରେ ଶାନ୍ତି ପ୍ରତିଷ୍ଠା ହେଉ ବୋଲି ଭାଜପା ଓ ବିଜେଡି ପକ୍ଷରୁ କୁହାଯାଉଥିଲେ ହେଁ ପରିସ୍ଥିତି ଏଭଳି ହେଲାଣି କେତେଜଣ ଲୋକଙ୍କୁ ଗାଁ ଛାଡିବାକୁ ବାଧ୍ୟ କରୁଛି । ବହୁ ଲୋକ ଗାଁ ଛାଡି ବାହାରେ ରହିବା ଆରମ୍ଭ କରିଲେଣି । ଆଉ କେତେଜଣ ଭାଗ୍ୟ ଓ ଭଗବାନଙ୍କୁ ଦୋଷ ଦେଇ ନିର୍ଯାତନା ସହି ପଡି ରହିଛନ୍ତି ।

**ପୋଲିସ ଉପରେ ବର୍ଷିଲେ ପ୍ରତ୍ୟୁଷା :** ଭାଜପା ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ନୟାଗଡ଼ରେ ଏକ ଖବରଦାତା ସମ୍ମିଳନୀ କରି ହରିପୁର ଗୋଷ୍ଠୀ ସଂଘର୍ଷ ଘଟଣାରେ ନୟାଗଡ଼ ବିଧାୟକ ଓ ପୋଲିସ ଉପରେ ବର୍ଷିଛନ୍ତି । ପ୍ରତ୍ୟୁଷାଙ୍କ ସୂଚନା ଅନୁସାରେ ହରିପୁରରେ ଗଣ୍ଡଗୋଳ ପାଇଁ ନୟାଗଡ଼ ସଦର ଥାନା ଆଇଆଇସିଙ୍କୁ ଇଟାମାଟି ଥାନାକୁ ଜାଣିଶୁଣି ବଦଳି କରି ପଠାଯାଇଛି । ଇଟାମାଟି ଥାନା ଆଇଆଇସି ଭାଜପାର କର୍ମୀମାନଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଉ ନାହାନ୍ତି । କିଛି ଅଭିଯୋଗକୁ ନେଇ ମାମଲା ରୁଜୁ କରୁ ନାହାନ୍ତି । ଆଉ ମାମଲା ରୁଜୁ କଲେ ଅଭିଯୁକ୍ତଙ୍କୁ ଗିରଫ କରୁ ନାହାନ୍ତି । ଗତ ୪ ତାରିଖ ଗୋଷ୍ଠୀ ସଂଘର୍ଷର ଉଦାରହରଣ ଦେଇ କହିଥିଲେ ଦୁଇ ଦଳ ସମର୍ଥକଙ୍କ ପକ୍ଷରୁ ୨ଟି ମାମଲା ହୋଇଛି । ବିଜେଡି ସମର୍ଥକଙ୍କ ମାମଲାରେ ୪ ଜଣ ଗିରଫ ହୋଇଥିବାବେଳେ ଭାଜପା ସମର୍ଥକଙ୍କ ଗଣ୍ଡଗୋଳରେ ଜଣେ ମାତ୍ର ଗିରଫ ହୋଇଛନ୍ତି । ଅଭିଯୁକ୍ତମାନେ ପୋଲିସ ସହ ଗାଁରେ ବୁଲୁଥିଲେ ମଧ ସେମାନଙ୍କୁ ଗିରଫ କରୁ ନାହାନ୍ତି । ଦୋଳପୂର୍ଣ୍ଣିମା ଯାତ୍ରା ପରେ ହରିପୁର ଗାଁ ଅଶାନ୍ତ ହୋଇ ପଡିଛି । ଦୁତିଆ ପ୍ରଧାନ ନାମକ ଜଣେ ବ୍ୟକ୍ତିଙ୍କୁ ଅଯଥାରେ ମାଡ ମରାଯିବା ଓ କଲେଜ ଛାତ୍ରଙ୍କ ନାଁରେ ମାମଲା କରାଯିବା, ଜଣେ ମହିଳାଙ୍କୁ ମାଡ ମାରି ଯୌନାଙ୍ଗରୁ ରକ୍ତ କାଢ଼ି ଦେବା ପରି ଘଟଣା ଘଟି ଯାଇଛି । ମହିଳାଙ୍କୁ ମାଡମରା ଘଟଣାରେ ଏକ ମାମଲା(ନଂ. ୬୪/୨୩) ହୋଇଥିଲେ ମଧ ପୋଲିସ ଅଭିଯୁକ୍ତଙ୍କୁ ସୁରକ୍ଷା ଦେଇଥିଲା । ଏହାର ସମାଧାନ ହୋଇପାରି ନ ଥିବାବେଳେ ଶାସକ ଦଳ ଦ୍ୱାରା ନିର୍ଯାତିତ କିଛି ପରିବାର ଭାଜପାରେ ମିଶିଥିଲେ । ଏହା ପରେ ଭାଜପା କର୍ମୀ ଓ ସମର୍ଥକଙ୍କ ଉପରେ ଆରମ୍ଭ ହୋଇ ଯାଇଛି ନିର୍ଯାତନା ଓ ମାମଲା । ଗତ ୧ ତାରିଖରେ ମାନସ ପ୍ରଧାନ ନାମକ ଜଣେ ଭାଜପା କର୍ମୀଙ୍କୁ ଅଟକାଇ ମାଡ ମରାଯିବା ଘଟଣା ଗାଁରେ ଅଶାନ୍ତି ସୃଷ୍ଟି କରିଥିଲା । ଏନେଇ ଏକ ମାମଲା(ନଂ.୧୩୧/୨୩) ରୁଜୁ ହୋଇଥିଲେ ମଧ ପୋଲିସ କାହାକୁ ଗିରଫ କରି ନ ଥିଲା । ବରଂ ୧୩୨/୨୩ରେ ପାଲଟା ମାମଲା କରି ଘଟଣାକୁ ବିବାଦୀୟ କରିଥିଲା । ଏଭଳିସ୍ଥଳେ ଥାନାରୁ କେଶ ଉଠାଇବା ପାଇଁ ଆରମ୍ଭ ହୋଇଥିଲା ମାନସଙ୍କ ପରିବାର ଉପରେ ନିର୍ଯାତନା । ଗତ ୪ ତାରିଖରେ ମାନସଙ୍କ ଘରେ ପଶି ୩୦ ରୁ ଊର୍ଦ୍ଧ୍ୱ ଶାସକ ଦଳର କର୍ମୀ ଘରର ଆସବାବପତ୍ର ଭଙ୍ଗାରୁଜା କରିବା ସହ ଲୁଟ୍ କଲେ । ମାନସଙ୍କ ମା'ଙ୍କୁ ଅସଦାରଣ କରି ଗୋଡେଇ ଗୋଡେଇ ପିଟିଲେ । ପୁଅ ମାନସ ମା'କୁ ରକ୍ଷା କରିବାକୁ ଯାଇ ସରପଞ୍ଚଙ୍କୁ ମାଡମାରିବା ବେଳେ ସେ ଆହତ ହୋଇଥିଲେ । ଏଭଳିସ୍ଥଳେ ପୋଲିସ ସରପଞ୍ଚଙ୍କ ଘଟଣାକୁ ଗୁରୁତ୍ୱ ଦେଇ ଭାଜପା ଅଭିଯୋଗକୁ ହାଲକା ଭାବେ ନେବାରୁ ସତକୁ ଲୁଚାଇବାକୁ ପ୍ରଚେଷ୍ଟା କରାଯାଉଛି । ଏହା ପରେ ଲତା ପ୍ରଧାନ ନିର୍ଯାତନା, ସସ୍ମିତା ପ୍ରଧାନଙ୍କୁ ନିର୍ଯାତନା ଘଟିଲାଣି । ପୋଲିସ ଉପସ୍ଥିତିରେ ଗାଁରେ ଭାଜପା କର୍ମୀ ଓ ସମର୍ଥକଙ୍କୁ ମାରପିଟ, ନିର୍ଯାତନା ଦିଆ ଚାଲିଛି । ପୋଲିସକୁ ଅଭିଯୁକ୍ତଙ୍କ କାରନାମାର ଭିଡିଓ ଦେଇଥିଲେବି ସୁଫଳ ମିଳିଲା ନାହିଁ । ବରଂ ବିବାଦ ବଢ଼ି ଚାଲିଛି । ଇଏ କଣ ନାରୀକୁ ସମ୍ମାନ ନୟାଗଡ ବିଧାୟକଙ୍କର ବୋଲି ପ୍ରଶ୍ନ କରିଛନ୍ତି । ଆକ୍ରମଣର ଶିକାର ହେଉଥିବା ଭାଜପା କର୍ମୀ ଓ ସମର୍ଥକଙ୍କୁ ସୁରକ୍ଷା, ଗାଁରେ ଶାନ୍ତି ପ୍ରତିଷ୍ଠା, ଅଭିଯୁକ୍ତଙ୍କୁ ଗିରଫ କରାଯାଉ ବୋଲି କହିଛନ୍ତି ।

**ପୋଲିସର ରୁକ୍ଷ ବ୍ୟବହାର ଭାଇରାଲ :** ଇଟାମାଟି ଥାନାକୁ ଏତଲା ଦେବାକୁ ଯାଇଥିବା ସସ୍ମିତା ପ୍ରଧାନଙ୍କ ପରିବାରକୁ ଗୋବର୍ଦ୍ଧନ ମିଶ୍ର ନାମକ ଜଣେ ପୋଲିସ ରୁକ୍ଷ ଓ ଧମକପୂର୍ଣ୍ଣ ବ୍ୟବହାର କରିବା ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ସସ୍ମିତାଙ୍କ ଅଭିଯୋଗ ପୋଲିସର ସବୁ କାରନାମା ରେକର୍ଡିଂ ହୋଇ ପାରି ନାହିଁ । ତେବେ ରେକର୍ଡିଂ ହୋଇଥିବା ଅଂଶରେ ପୋଲିସର ବ୍ୟବହାର ଠିକ୍ ନୁହେଁ । ଏଭଳି ବ୍ୟବହାର କରାଗଲେ ଲୋକେ ଥାନାକୁ ଯିବାକୁ ଭୟ କରିବେ । ମୋ ପାଠ ପଢୁଆ ପୁଅ ନାଁରେ ମିଥ୍ୟା ମାମଲା ହୋଇଛି । ମୋ ଘରେ ପଶି ମାରପିଟ୍ ଗାଳିଗୁଲଜ କରାହେଉଛି । ପୋଲିସ ଉପସ୍ଥିତିରେ ଘଟଣା ଘଟୁଛି । ଅଭିଯୋଗ କଲେ ନାଲି ଆଖି ଦେଖିବାକୁ ପଡୁଛି । କିଭଳି ବଞ୍ଚିବେ, କୁଆଡେ ଯିବେ କହି ସସ୍ମିତା ପ୍ରଧାନ କାନ୍ଦି ପକାଇଥିଲେ । ଅନ୍ୟପକ୍ଷେ ଥାନା ଭିତରେ ପୋଲିସର ରୁକ୍ଷ ବ୍ୟବହାର ରେକର୍ଡିଂ କରିବା ଘଟଣା ପରେ ଏବେ ଥାନାକୁ ମୋବାଇଲ ଯିବା ଉପରେ କଟକଣା ଲାଗିବ ବୋଲି ସାଧାରଣରେ ଆଲୋଚନା ଜୋର ଧରିଛି ।

